# The Odisha Gazette

**EXTRAORDINARY**
**PUBLISHED BY AUTHORITY**
**S.R.O. No. - 01/2021**

**No. 3, CUTTACK, SATURDAY, OCTOBER 09, 2021 / ASWINA 11, 1943**


## ଦୟାକରି ପୁନର୍ବାର କୁହନ୍ତୁ | ସଂଶୋଧନ | ସାମଗ୍ରୀ

## ଓଡିଶା ଦ୍ରବ୍ୟ ଓ ସେବା କର (ସଂଶୋଧନ) ବିଧେୟକ, 2019

ଓଡିଶା ଦ୍ରବ୍ୟ ଓ ସେବାକର ଅଧିନିୟମ, 2017 କୁ ଅଧିକତର ସଂଶୋଧନ କରିବା ସକାଶେ

ଏକ

ବିଧେୟକ

ଭାରତ ଗଣରାଜ୍ୟର ସତୁରିତମ ବର୍ଷରେ ଓଡିଶା ରାଜ୍ୟର ବିଧାନମଣ୍ଡଳ ଦ୍ୱାରା ନିମ୍ନମତେ ଅଧିନିୟମିତ ହେଉ :-

ସଂକ୍ଷିପ୍ତ ନାମ ଓ ପ୍ରାରମ୍ଭ

1.(1) ଏହି ଅଧିନିୟମଟି ଓଡିଶା ଦ୍ରବ୍ୟ ଓ ସେବାକର (ସଂଶୋଧନ) ଅଧିନିୟମ, 2019 ଭାବେ ଅଭିହିତ ହେବ ।

(2) ଅନ୍ୟଥା ବ୍ୟବସ୍ଥା କରାଯାଇନଥିଲେ ଏହି ଅଧିନିୟମର ବ୍ୟବସ୍ଥାମାନ, ରାଜ୍ୟ ସରକାର ଅଧିସୂଚନା ଦ୍ୱାରା ଯେଉଁ ତାରିଖ ନିୟତ କରିବେ, ସେହି ତାରିଖଠାରୁ ବଳବତ୍ତର ହେବ :

ପରନ୍ତୁ ଏହି ଅଧିନିୟମର ବିଭିନ୍ନ ବ୍ୟବସ୍ଥାପାଇଁ ଭିନ୍ନଭିନ୍ନ ତାରିଖ ନିୟତ କରାଯାଇପାରିବ ଏବଂ ଏହି ଅଧିନିୟମରେ ସେହି ବ୍ୟବସ୍ଥାର ପ୍ରାରମ୍ଭ ପ୍ରତି କୌଣସି ସୂଚନାଥିଲେ, ତାହାକୁ ଉକ୍ତ ବ୍ୟବସ୍ଥା ବଳବତ୍ତର ହେବା ତାରିଖ ପ୍ରତି ସୂଚନାବୋଲି ବୁଝାଯିବ ।

2017 ର ଓଡିଶା ଅଧିନିୟମ 7

ଧାରା 2ର ସଂଶୋଧନ

2. ଓଡିଶା ଦ୍ରବ୍ୟ ଓ ସେବାକର ଅଧିନିୟମ, 2017 (ଏହାପରେ ମୂଳ ଅଧିନିୟମଭାବେ ଉଲ୍ଲିଖିତ) ର ଧାରା 2 ର ଖଣ୍ଡ (4) ରେ "ଅଗ୍ରୀମ ରାୟ ଅପିଲ ପ୍ରାଧିକାରୀ" ଶବ୍ଦଗୁଡିକ ପରେ "ଜାତୀୟ ଅଗ୍ରୀମ ରାୟ ଅପିଲ ପ୍ରାଧିକରଣ" ଶବ୍ଦଗୁଡିକ ଅନ୍ତଃସ୍ଥାପିତ ହେବ ।

ଧାରା 10 ର ସଂଶୋଧନ

3. ମୂଳ ଅଧିନିୟମର ଧାରା 10 ରେ, -

(କ) ଉପଧାରା (1) ର ଦ୍ୱିତୀୟ ପରନ୍ତୁକ ପରେ ନିମ୍ନଲିଖିତ ସ୍ପଷ୍ଟୀକରଣ ଅନ୍ତଃସ୍ଥାପିତ ହେବ, ଯଥା:-

"ସ୍ପଷ୍ଟୀକରଣ- ଦ୍ୱିତୀୟ ପରନ୍ତୁକ ଉଦ୍ଦେଶ୍ୟରେ ଜମା, କରଜ ବା ଅଗ୍ରୀମ ଆକାରରେ ଯୋଗାଇ ଦିଆଯାଇଥିବା ସେବାର ମୁକ୍ତ ଯୋଗାଣର ମୂଲ୍ୟ, ଯାହାକି ସୁଧ ବା ରିହାତି ଆକାରରେ ଦିଆଯାଉଥିବା ପ୍ରତିଫଳ ସହିତ ସମାନ ହେଉଥିବ, ତାହାକୁ ରାଜ୍ୟରେ କାରବାରର ମୂଲ୍ୟ ଅବଧାରଣ କରିବାପାଇଁ ହିସାବକୁ ନିଆଯିବନାହିଁ।";

(ଖ) ଉପଧାରା (2) ରେ, -

(i) ଖଣ୍ଡ (ଘ) ରେ ଶେଷରେ ଥିବା "ଏବଂ" ଶବ୍ଦଟି ଲୋପ ହେବ;

(ii) ଖଣ୍ଡ (ଙ)ରେ "ହୋଇନଥାନ୍ତି" ଶବ୍ଦଗୁଡିକ ପରେ "ହୋଇନଥାନ୍ତି; ଏବଂ" ଶବ୍ଦଗୁଡିକ ପ୍ରତିସ୍ଥାପିତହେବ;

(iii) ଖଣ୍ଡ (ଙ)ପରେ ନିମ୍ନଲିଖିତ ଖଣ୍ଡଟି ଅନ୍ତଃସ୍ଥାପିତ ହେବ, ଯଥା:-

"(ଚ) ଯଦି ସେ ଜଣେ ସାମୟିକ କରଯୋଗ୍ୟ ବ୍ୟକ୍ତି ବା ପ୍ରବାସୀ କରଯୋଗ୍ୟ ବ୍ୟକ୍ତି ହୋଇନଥାନ୍ତି;" ;

(ଗ) ଉପଧାରା (2) ପରେ ନିମ୍ନଲିଖିତ ଉପ-ଧାରାଟି ଅନ୍ତଃସ୍ଥାପିତ ହେବ,ଯଥା: -

"(2କ) ଏହି ଅଧିନିୟମରେ ବିରୁଦ୍ଧବୋଧକ ଯାହାକିଛି ଥିବାସତ୍ତ୍ୱେ, କିନ୍ତୁ ଧାରା ୨ ର ଉପ-ଧାରା (3) ଓ (4) ର ବ୍ୟବସ୍ଥାଗୁଡିକ ପ୍ରତିସାପେକ୍ଷ ହୋଇ, ଉପ-ଧାରା (1) ବା (2) ଅନୁଯାୟୀ କର ପ୍ରଦାନ କରିବାପାଇଁ ଇଚ୍ଛା ପ୍ରକଟ କରିବାକୁ ଅଯୋଗ୍ୟ ଯେଉଁ ରିଜିଷ୍ଟ୍ରୀକୃତ ବ୍ୟକ୍ତିଙ୍କର ପୂର୍ବବର୍ଷର ସର୍ବମୋଟ କାରବାର ପଚାଶ ଲକ୍ଷ ଟଙ୍କାରୁ ଅଧିକ ହୋଇନଥିବ, ସେ ଧାରା ୨ର ଉପ-ଧାରା (1) ଅନୁଯାୟୀ ତାଙ୍କଦ୍ୱାରା ପ୍ରଦେୟ କର ବଦଳରେ, ବିହିତ ହେବାମତେ ସେପରି ରୀତିରେ ଗଣନା କରାଯାଇ ରାଜ୍ୟରେ ତାଙ୍କ କାରବାରର ସର୍ବାଧିକ ତିନି ପ୍ରତିଶତ କର ପରିମାଣ ପ୍ରଦାନ କରିବାପାଇଁ ନିମ୍ନଲିଖିତ କ୍ଷେତ୍ରରେ ଇଚ୍ଛା ପ୍ରକଟ କରିପାରିବେ ।

(କ) ସେ ଯଦି ଏହି ଅଧିନିୟମ ଅନୁଯାୟୀ କର ଅଯୋଗ୍ୟ ଦ୍ରବ୍ୟ ଓ ସେବାର ଯୋଗାଣ କରିବାରେ ନିୟୋଜିତ ହୋଇନଥାନ୍ତି;

(ଖ) ସେ ଯଦି ଦ୍ରବ୍ୟ ବା ସେବାର କୌଣସି ଆନ୍ତଃ-ରାଜ୍ୟ ବହିର୍ମୁଖୀ ଯୋଗାଣ କରିବାରେ ନିୟୋଜିତ ହୋଇନଥାନ୍ତି;

(ଗ) ସେ ଯଦି ଧାରା 52 ଅନୁଯାୟୀ ଉତ୍ସରେ କର ଆଦାୟ କରିବାକୁ ଯେଉଁ ଇଲେକ୍ଟ୍ରୋନିକ ବାଣିଜ୍ୟିକ ସଂଚାଳକ ଆବଶ୍ୟକ, ତାଙ୍କ ଜରିଆରେ ଦ୍ରବ୍ୟଓ ସେବାର ଯୋଗାଣ କରିବାରେ ନିୟୋଜିତ ହୋଇନଥାନ୍ତି;

(ଘ) ସେ ଯଦି ପରିଷଦର ସୁପାରିଶ କ୍ରମେ ସରକାରଙ୍କ ଦ୍ୱାରା ଅଧିସୂଚୀତ ହେବାମତେ ସେପରି ଦ୍ରବ୍ୟର ନିର୍ମାତା ବା ସେପରି ସେବାର ଯୋଗାଣକାରୀ ହୋଇନଥାନ୍ତି; ଏବଂ

(ଙ) ସେ ଯଦି ଜଣେ ସାମୟିକ କରଦାତା ବ୍ୟକ୍ତି ବା ଜଣେ ପ୍ରବାସୀ କରଦାତା ବ୍ୟକ୍ତି ହୋଇନଥାନ୍ତି:

ପରନ୍ତୁ ଯେବେ ଏକାଧିକ ରେଜିଷ୍ଟ୍ରୀକୃତ ବ୍ୟକ୍ତିଙ୍କର ଆୟକର ଅଧିନିୟମ, 1961 1961 ର 43 ଅନୁଯାୟୀ ଜାରି କରାଯାଇଥିବା ସମାନ ସ୍ଥାୟୀ ହିସାବ ସଂଖ୍ୟା (PAN) ଥାଏ, ତେବେ ଏହି ଉପ-ଧାରା ଅନୁଯାୟୀ ସେପରି ରେଜିଷ୍ଟ୍ରୀକୃତ ବ୍ୟକ୍ତିମାନେ କର ପ୍ରଦାନ କରିବାକୁ ଇଚ୍ଛା ପ୍ରକଟ ନକଲେ, ଏହି ଉପ-ଧାରା ଅନୁଯାୟୀ ରେଜିଷ୍ଟ୍ରୀକୃତ ବ୍ୟକ୍ତି ପରିକଳ୍ପନା ପାଇଁ ଇଚ୍ଛା ପ୍ରକଟ କରିବାକୁ ଯୋଗ୍ୟ ହେବେନାହିଁ ।";

(ଘ) ଉପ-ଧାରା (3) ରେ ଉଭୟ ସ୍ଥାନରେ ଥିବା "ଉପଧାରା (1) ଶବ୍ଦ, ବନ୍ଧନୀ ଓ ଅଙ୍କପରେ "ବା ଯଥାସ୍ଥିତି, ଉପଧାରା (2କ)," ଶବ୍ଦ, ବନ୍ଧନୀ ଓ ଅଙ୍କ ଓ ଅକ୍ଷର ଅନ୍ତଃସ୍ଥାପିତ ହେବ ।

(ଙ) ଉପ-ଧାରା (4) ରେ ଥିବା "ଉପଧାରା (1) " ଶବ୍ଦ, ବନ୍ଧନୀ ଓ ଅଙ୍କପରେ "ବା ଯଥାସ୍ଥିତି, ଉପଧାରା (2କ)," ଶବ୍ଦ, ବନ୍ଧନୀ ଓ ଅଙ୍କ ଓ ଅକ୍ଷର ଅନ୍ତଃସ୍ଥାପିତ ହେବ ।

(ଚ) ଉପ-ଧାରା (5) ରେ ଥିବା "ଉପଧାରା (1) " ଶବ୍ଦ, ବନ୍ଧନୀ ଓ ଅଙ୍କପରେ "ବା ଯଥାସ୍ଥିତି, ଉପଧାରା (2କ)," ଶବ୍ଦ, ବନ୍ଧନୀ ଓ ଅଙ୍କ ଓ ଅକ୍ଷର ଅନ୍ତଃସ୍ଥାପିତ ହେବ ।

(ଛ) ଉପ-ଧାରା (5) ପରେ ନିମ୍ନଲିଖିତ ସ୍ପଷ୍ଟୀକରଣ ଅନ୍ତଃସ୍ଥାପିତ ହେବ, ଯଥା:-

'ସ୍ପଷ୍ଟୀକରଣ – 1. ଏହି ଧାରା ଅନୁଯାୟୀ କର ପ୍ରଦାନ କରିବା ନିମନ୍ତେ ଜଣେ ବ୍ୟକ୍ତିଙ୍କ ଯୋଗ୍ୟତା ଅବଧାରଣ କରିବା ସକାଶେ ତାଙ୍କର ସର୍ବମୋଟ କାରବାର ଗଣନା କରିବା ଉଦ୍ଦେଶ୍ୟରେ "ସର୍ବମୋଟ କାରବାର" ଅଭିବ୍ୟକ୍ତିରେ ଗୋଟିଏ ଆର୍ଥିକ ବର୍ଷର ଅପ୍ରେଲ ପହିଲା

ତାରିଖଠାରୁ ଏହି ଅଧିନିୟମ ଅନୁଯାୟୀ ସେ ଯେଉଁତାରିଖରେ ରେଜିଷ୍ଟ୍ରୀକରଣ କରିବାପାଇଁ ବାଧ୍ୟ ହୁଅନ୍ତି, ସେହି ତାରିଖ ପର୍ଯ୍ୟନ୍ତ ଉକ୍ତ ବ୍ୟକ୍ତିଙ୍କ ଦ୍ୱାରା କରାଯାଇଥିବା ଯୋଗାଣଗୁଡିକର ମୂଲ୍ୟ ଅନ୍ତର୍ଭୁକ୍ତ ହେବ ।

ସ୍ପଷ୍ଟୀକରଣ – 2. ଏହି ଧାରା ଅନୁଯାୟୀ ଜଣେ ବ୍ୟକ୍ତିଙ୍କ ଦ୍ୱାରା ପ୍ରଦେୟ କର ଅବଧାରଣ କରିବା ଉଦ୍ଦେଶ୍ୟରେ "ରାଜ୍ୟରେ ବା ସଂଘରାଜ୍ୟ କ୍ଷେତ୍ରରେ କାରବାର" ଅଭିବ୍ୟକ୍ତିରେ ନିମ୍ନଲିଖିତ ଯୋଗାଣଗୁଡିକର ମୂଲ୍ୟ ଅନ୍ତର୍ଭୁକ୍ତ ହେବନାହିଁ, ଯଥା:-

(i) ଏକ ଆର୍ଥିକ ବର୍ଷର ଅପ୍ରେଲ ପହିଲା ତାରିଖଠାରୁ ଏହି ଅଧିନିୟମ ଅନୁଯାୟୀ ଜଣେ ବ୍ୟକ୍ତି ଯେଉଁ ତାରିଖରେ ରେଜିଷ୍ଟ୍ରୀକରଣ କରିବାପାଇଁ ବାଧ୍ୟହୁଅନ୍ତି, ସେହି ତାରିଖ ପର୍ଯ୍ୟନ୍ତ କରାଯାଇଥିବା ଯୋଗାଣ, ଏବଂ

(ii) ସୁଧ ବା ରିହାତି ଆକାରରେ ଦିଆଯାଇଥିବା ପ୍ରତିଫଳ ସହିତ ସମାନ ମୂଲ୍ୟର ଜମା, କରଜ ବା ଅଗ୍ରୀମ ଆକାରରେ ଯୋଗାଇ ଦିଆଯାଇଥିବା ସେବାର ମୁକ୍ତ ଯୋଗାଣ ।'

ଧାରା 22 ର ସଂଶୋଧନ

4. ମୂଳ ଅଧିନିୟମର ଧାରା 22 ର ଉପ-ଧାରା (1) ର ଦ୍ୱିତୀୟ ପରନ୍ତୁକ ପରେ ନିମ୍ନଲିଖିତ ପରନ୍ତୁକ ଅନ୍ତଃସ୍ଥାପିତ ହେବ, ଯଥା:-

"ପୁନଶ୍ଚ କେନ୍ଦ୍ର ସରକାରଙ୍କ ସହମତି ଓ ପରିଷଦର ସୁପାରିଶ କ୍ରମେ ସରକାର, ଯେଉଁ ଯୋଗାଣକାରୀ କେବଳ ଦ୍ରବ୍ୟ ଯୋଗାଣ କରୁଥାନ୍ତି, ତାଙ୍କ କ୍ଷେତ୍ରରେ ସର୍ବମୋଟ କାରବାରକୁ ଅଧିସୂଚୀତ ହେବାମତେ ସେପରି ସର୍ତ୍ତାବଳୀ ଓ କଟକଣା ପ୍ରତି ସାପେକ୍ଷ ହୋଇ, କୋଡିଏ ଲକ୍ଷ ଟଙ୍କାରୁ ସର୍ବାଧିକ ଚାଳିଶି ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରିପାରିବେ ।

ସ୍ପଷ୍ଟୀକରଣ –ଏହି ଉପ-ଧାରା ଉଦ୍ଦେଶ୍ୟରେ ଜଣେ ବ୍ୟକ୍ତି ସୁଧ ବା ରିହାତି ଆକାରରେ ଦିଆଯାଇଥିବା ପ୍ରତିଫଳ ସହିତ ସମାନ ମୂଲ୍ୟର ଜମା, କରଜ ବା ଅଗ୍ରୀମଭାବେ ଯୋଗାଇ ଦିଆଯାଇଥିବା ସେବାର ମୁକ୍ତ ଯୋଗାଣରେ ନିୟୋଜିତ ଥିଲେ ହେଁ, ସେ କେବଳ ମାତ୍ର ଦ୍ରବ୍ୟର ଯୋଗାଣର ନିୟୋଜିତ ଅଛନ୍ତି ବୋଲି ବିବେଚିତ ହେବେ।"

ଧାରା 25 ର ସଂଶୋଧନ

5. ମୂଳ ଅଧିନିୟମର ଧାରା 25 ର ଉପ-ଧାରା (6) ପରେ ନିମ୍ନଲିଖିତ ଉପ-ଧାରାଗୁଡିକ ଅନ୍ତଃସ୍ଥାପିତ ହେବ, ଯଥା:-

"(6 କ) ପ୍ରତ୍ୟେକ ରେଜିଷ୍ଟ୍ରୀକୃତ ବ୍ୟକ୍ତିଙ୍କୁ ବିହିତ ହେବାମତେ ସେପରି ଫର୍ମରେ ଓ ରୀତିରେ ଓ ସେପରି ସମୟ ମଧ୍ୟରେ ସତ୍ୟତା ପ୍ରତିପାଦନ କରିବାକୁ ପଡିବ ବା ତାଙ୍କ ପାଖରେ ଆଧାର ନମ୍ବର ଥିବାର ପ୍ରମାଣ ଦାଖଲ କରିବାକୁ ପଡିବ :

ପରନ୍ତୁ ଯଦି ରେଜିଷ୍ଟ୍ରୀକୃତ ବ୍ୟକ୍ତିଙ୍କର ଆଧାର ନମ୍ବର ନଥାଏ, ତେବେ ପରିଷଦର ସୁପାରିଶକ୍ରମେ ରାଜ୍ୟ ସରକାରଙ୍କ ଦ୍ୱାରା ବିହିତ ହେବା ମତେ ସେପରି ରୀତିରେ ତାଙ୍କୁ ଅନ୍ୟ କୌଣସି ବିକଳ୍ପ ଓ ଯଥାର୍ଥ ପରିଚୟପତ୍ର ଦେବାକୁ କୁହାଯିବ :

ଅଧିକନ୍ତୁ ଯଦି ସତ୍ୟତା ପ୍ରତିପାଦନ କରିବାରେ ବା ଆଧାର ନମ୍ବର ଥିବା ପ୍ରମାଣ ଦାଖଲ କରିବାରେ ବା ଅନ୍ୟ କୌଣସି ବିକଳ୍ପ ଓ ଯଥାର୍ଥ ପରିଚୟ ପତ୍ର ଦାଖଲ କରିବାରେ ଉକ୍ତ ବ୍ୟକ୍ତି ବିଫଳ ହୁଅନ୍ତି, ତେବେ ତାହାଙ୍କୁ ଆବଣ୍ଟିତ ହୋଇଥିବା ରେଜିଷ୍ଟ୍ରୀକରଣ ଅବୈଧ ବୋଲି ବିବେଚିତ ହେବ ଏବଂ ଏହି ଅଧିନିୟମର ଅନ୍ୟ ବ୍ୟବସ୍ଥାମାନ ଏପରି ଲାଗୁହେବ, ସତେଯେପରି ଉକ୍ତ ବ୍ୟକ୍ତିଙ୍କ ନିକଟରେ ରେଜିଷ୍ଟ୍ରୀକରଣ ନାହିଁ ।

6. (ଖ) ରେଜିଷ୍ଟ୍ରିକରଣ ମଞ୍ଜୁରି ପାଇଁ ଯୋଗ୍ୟ ହେବା ସକାଶେ ପ୍ରତ୍ୟେକ ବ୍ୟକ୍ତି ଅଧିସୂଚନା ଜାରି ହେବା ତାରିଖରେ ଓ ସେହି ତାରିଖ ଠାରୁ ପରିଷଦର ସୁପାରିଶ କ୍ରମେ, ସରକାର ଉକ୍ତ ଅଧିସୂଚନାରେ ବିନିର୍ଦ୍ଦିଷ୍ଟ କରିଥିବା ମତେ ସେପରି ରୀତିରେ ସତ୍ୟତା ପ୍ରତିପାଦନ କରିବେ ବା ଆଧାର ନମ୍ବର ଥିବାର ପ୍ରମାଣ ଦାଖଲ କରିବେ :

ପରନ୍ତୁ ଯଦି କୌଣସି ବ୍ୟକ୍ତିଙ୍କର ଆଧାର ନମ୍ବର ନଥାଏ ତେବେ ପରିଷଦର ସୁପାରିଶ କ୍ରମେ ସରକାର ଉକ୍ତ ଅଧିସୂଚନାରେ ବିନିର୍ଦ୍ଦିଷ୍ଟ କରିବା ମତେ ସେପରି ରୀତିରେ ଅନ୍ୟ କୌଣସି ବିକଳ୍ପ ଓ ଯଥାର୍ଥ ପରିଚୟ ପତ୍ର ଦେବା ପାଇଁ ତାଙ୍କୁ କୁହାଯିବ ।

6. (ଗ) ଅଧିସୂଚନା ଜାରି ହେବା ତାରିଖରେ ଓ ସେହି ତାରିଖଠାରୁ ଜଣେ ବ୍ୟକ୍ତି ବିଶେଷଙ୍କ ବ୍ୟତୀତ ଅନ୍ୟ ସମସ୍ତ ବ୍ୟକ୍ତି, ରେଜିଷ୍ଟ୍ରିକରଣ ପାଇଁ ଯୋଗ୍ୟ ହେବା ସକାଶେ ପରିଷଦର ସୁପାରିଶ କ୍ରମେ ସରକାର ଉକ୍ତ ଅଧିସୂଚନାରେ ବିନିର୍ଦ୍ଦିଷ୍ଟ କରିଥିବା ମତେ ସେପରି ରୀତିରେ ସତ୍ୟତା ପ୍ରତିପାଦନ କରିବେ ବା କର୍ତ୍ତା, ପରିଚାଳନା ନିର୍ଦ୍ଦେଶକ, ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ, ସେପରି ସଂଖ୍ୟକ ଅଂଶୀଦାର, ସଂଘର ପରିଚାଳନା କମିଟିର ସଦସ୍ୟ,ନ୍ୟାସୀ ମଣ୍ଡଳୀ, ପ୍ରାଧିକୃତ ପ୍ରତିନିଧି, ପ୍ରାଧିକୃତ ସ୍ୱାକ୍ଷରକାରୀ ଓ ସେପରି ଅନ୍ୟ ଶ୍ରେଣୀର ବ୍ୟକ୍ତିମାନଙ୍କ ଆଧାର ନମ୍ବର ଥିବାର ପ୍ରମାଣ ଦାଖଲ କରିବେ :

ପରନ୍ତୁ ଯେବେ ସେପରି ବ୍ୟକ୍ତି ବା ସେପରି ଶ୍ରେଣୀର ବ୍ୟକ୍ତିମାନଙ୍କର ଆଧାର ନମ୍ବର ନ ଥାଏ, ତେବେ ସେପରି ବ୍ୟକ୍ତି ବା ସେପରି ଶ୍ରେଣୀର ବ୍ୟକ୍ତିମାନଙ୍କୁ ଉକ୍ତ ଅଧିସୂଚନାରେ ପରିଷଦର ସୁପାରିଶ କ୍ରମେ ସରକାର ବିନିର୍ଦ୍ଦିଷ୍ଟ କରିଥିବା ସେପରି ରୀତିରେ ଅନ୍ୟ କୌଣସି ବିକଳ୍ପ ଓ ଯଥାର୍ଥ ପରିଚୟ ପତ୍ର ଦେବା ପାଇଁ କୁହାଯିବ ।

6.(ଘ) ଉପଧାରା 6(କ) ବା ଉପ-ଧାର 6(ଖ) ବା ଉପଧାରା 6(ଗ)ର ବ୍ୟବସ୍ଥାମାନ, ପରିଷଦର ସୁପାରିଶ କ୍ରମେ ସରକାର ଅଧିସୂଚନାରେ ବିନିର୍ଦ୍ଦିଷ୍ଟ କରିଥିବା ମତେ ସେପରି ବ୍ୟକ୍ତି ବା ବ୍ୟକ୍ତିମାନଙ୍କର ଶ୍ରେଣୀ ବା କୌଣସି ରାଜ୍ୟ ବା ସଂଘରାଜ୍ୟ କ୍ଷେତ୍ର ବା ତାହାର କୌଣସି ଭାଗ ପାଇଁ ପ୍ରଯୁଜ୍ୟ ହେବ ନାହିଁ ।

ସ୍ପଷ୍ଟୀକରଣ :- ଏହି ଧାରା ଉଦ୍ଦେଶ୍ୟରେ " ଆଧାର ନମ୍ବର" ଅଭିବ୍ୟକ୍ତିର ଅର୍ଥ, ଆଧାର (ଆର୍ଥିକ ଓ ଅନ୍ୟାନ୍ୟ ସହାୟତା, ସୁବିଧା ଓ ସେବାର ସିଧାସଳଖ ପ୍ରଦାନ ) ଅଧିନିୟମ, 2016 ର ଧାରା 2 ର ଖଣ୍ଡ (କ) ରେ ଯାହା ରହିଛି, ସେହି ଏକା ଅର୍ଥ ହେବ ।" 2016 ର 18

ନୂତନ ଧାରା 31 କ ର ଅନ୍ତଃସ୍ଥାପନ

6. ମୂଳ ଅଧିନିୟମର ଧାରା 31 ପରେ ନିମ୍ନଲିଖିତ ଧାରାଟି ଅନ୍ତଃସ୍ଥାପିତ ହେବ, ଯଥା :-

"ପ୍ରାପ୍ତି କର୍ତ୍ତାମାନଙ୍କୁ ଡିଜଟାଲ ଅର୍ଥ ପ୍ରଦାନର ସୁବିଧା"

31 କ. ପରିଷଦର ସୁପାରିଶ କ୍ରମେ ସରକାର ଏପରି ଏକ ଶ୍ରେଣୀର ରେଜିଷ୍ଟ୍ରିକୃତ ବ୍ୟକ୍ତିମାନଙ୍କୁ ବିହିତ କରିପାରିବେ ଯେଉଁମାନେ କି, ତାଙ୍କ ଦ୍ୱାରା କରାଯାଇଥିବା ଦ୍ରବ୍ୟ ବା ସେବା ବା ଉଭୟର ଯୋଗାଣର ପ୍ରାପ୍ତିକର୍ତ୍ତାମାନଙ୍କୁ ବିହିତ ଇଲେକ୍ଟ୍ରୋନିକ ପ୍ରଦାନ ମାଧ୍ୟମରେ ପ୍ରଦାନ ପାଇଁ ବ୍ୟବସ୍ଥା କରିବେ ଏବଂ ବିହିତ ହେବା ମତେ ସେପରି ରୀତିରେ ଓ ସେପରି ସର୍ତ୍ତାବଳୀ ଓ କଟକଣା ପ୍ରତି ସାପେକ୍ଷ ହୋଇ, ତଦନୁସାରେ ଅର୍ଥ ପ୍ରଦାନ କରିବା ପାଇଁ ସେପରି ପ୍ରାପ୍ତିକର୍ତ୍ତାଙ୍କୁ ବିକଳ୍ପ ଦେବେ ।"

ଧାରା 39ର ସଂଶୋଧନ

7. ମୂଳ ଅଧିନିୟମର ଧାରା 39 ରେ , -

(କ) ଉପଧାରା (1) ଓ (2) ବଦଳରେ ନିମ୍ନଲିଖିତ ଉପ-ଧାରାଗୁଡିକ ପ୍ରତିସ୍ଥାପିତ ହେବ, ଯଥା:-

" (1) ଜଣେ ଇନପୁଟ ସେବା ବିତରକ ବା ଜଣେ ପ୍ରବାସୀ କରଯୋଗ୍ୟବ୍ୟକ୍ତି ବା ଧାରା 10 ବା ଧାରା 51 ବା ଧାରା 52 ର ବ୍ୟବସ୍ଥା ଅନୁସାରେ କର ପ୍ରଦାନ କରୁଥିବା ଜଣେ ବ୍ୟକ୍ତିଙ୍କ ଭିନ୍ନ ଅନ୍ୟ ପ୍ରତ୍ୟେକ ରେଜିଷ୍ଟ୍ରୀକୃତ ବ୍ୟକ୍ତି , ପ୍ରତ୍ୟେକ କ୍ୟାଲେଣ୍ଡର ମାସ ବା ତାହାର ଭାଗ ପାଇଁ ଦ୍ରବ୍ୟ ବା ସେବା ବା ଉଭୟର ଅନ୍ତର୍ମୁଖୀ ଓ ବହିର୍ମୁଖୀ ଯୋଗାଣ, ପାଇଥିବା ଇନ୍‌ପୁଟ କର ଜମା, ପ୍ରଦେୟ କର, ପ୍ରଦତ୍ତ କର ଓ ବିହିତ ହେବା ମତେ ସେପରି ଅନ୍ୟ ସମସ୍ତ ବିବରଣୀ,

ସେପରି ଫର୍ମରେ ଓ ରୀତିରେ ଓ ସେପରି ସମୟ ମଧ୍ୟରେ ଇଲୋକ୍ଟ୍ରୋନିକ ମାଧ୍ୟମରେ ଏକ ରିଟର୍ଣ୍ଣ ଦାଖଲ କରିବେ :

ପରନ୍ତୁ ପରିଷଦର ସୁପାରିଶ କ୍ରମେ , ସରକାର ଏପରି କେତେକ ଶ୍ରେଣୀର ରେଜିଷ୍ଟ୍ରିକୃତ ବ୍ୟକ୍ତିମାନଙ୍କୁ ଅଧିସୂଚିତ କରିପାରିବେ, ଯେଉଁମାନେ କି ସେଥିରେ ବିହିତ ହେବା ମତେ ସେପରି ସର୍ତ୍ତାବଳୀ ଓ କଟକଣା ପ୍ରତି ସାପେକ୍ଷ ହୋଇ ପ୍ରତ୍ୟେକ ତ୍ରିମାସ ବା ତାହାର ଭାଗ ପାଇଁ ରିଟର୍ଣ୍ଣ ଦାଖଲ କରିବେ ।

(2) ଧାରା 10 ର ବ୍ୟବସ୍ଥା ଅନୁଯାୟୀ କର ପ୍ରଦାନ କରୁଥିବା ଜଣେ ରେଜିଷ୍ଟ୍ରିକୃତ ବ୍ୟକ୍ତି ପ୍ରତ୍ୟେକ ଆର୍ଥିକ ବର୍ଷ ବା ତାହାର ଭାଗ ପାଇଁ ରାଜ୍ୟରେ ତାଙ୍କର କାରବାର, ଦ୍ରବ୍ୟ ବା ସେବା ବା ଉଭୟର ଅନ୍ତର୍ମୁଖୀ ଯୋଗାଣ, ପ୍ରଦେୟ କର, ପ୍ରଦତ୍ତ କର ଓ ବିହିତ ହେବା ମତେ ସେପରି ଅନ୍ୟ ସମସ୍ତ ବିବରଣୀ ସେପରି ଫର୍ମରେ ଓ ରୀତିରେ ଓ ସେପରି ସମୟ ମଧ୍ୟରେ ଇଲୋକ୍ଟ୍ରୋନିକ ମାଧ୍ୟମରେ ଏକ ରିଟର୍ଣ୍ଣ ଦାଖଲ କରିବେ ”।

(ଖ) ଉପଧାରା (7) ବଦଳରେ ନିମ୍ନଲିଖିତ ଉପଧାରାଟି ପ୍ରତିସ୍ଥାପିତ ହେବ, ଯଥା :- (7) ଉପଧାରା (1) ର ପରନ୍ତୁକ ବା ଉପଧାରା (3) ବା ଉପଧାରା (5) ରେ ସୂଚୀତ ବ୍ୟକ୍ତିମାନଙ୍କ ଭିନ୍ନ ଅନ୍ୟ ଯେଉଁ ରେଜିଷ୍ଟ୍ରୀକୃତ ବ୍ୟକ୍ତିମାନେ ଉପଧାର (1) ଅନୁଯାୟୀ ରିଟର୍ଣ୍ଣ ଦାଖଲ କରିବାକୁ ଆବଶ୍ୟକ ହେଉଥିବ, ସେମାନେ ପ୍ରତ୍ୟେକ ଯେଉଁ ତାରିଖରେ ରିଟର୍ଣ୍ଣ ଦାଖଲ କରିବାକୁ ଆବଶ୍ୟକ ହେଉଥିବ, ତାହାର ପରବର୍ତ୍ତୀ ହେଉ ନ ଥିବା ତାରିଖରେ ସେପରି ରିଟର୍ଣ୍ଣ ଅନୁସାରେ ଦେୟକର ସରକାରଙ୍କୁ ପ୍ରଦାନ କରିବେ :

ପରନ୍ତୁ ଉପଧାରା (1) ର ପରନ୍ତୁକ ଅନୁଯାୟୀ ରିଟର୍ଣ୍ଣ ଦାଖଲ କରୁଥିବା ପ୍ରତ୍ୟେକ ରେଜିଷ୍ଟ୍ରିକୃତ ବ୍ୟକ୍ତି, ମାସ ମଧ୍ୟରେ ତାଙ୍କର ଦ୍ରବ୍ୟ ବା ସେବା ବା ଉଭୟର ଅନ୍ତର୍ମୁଖୀ ଓ ବହିର୍ମୁଖୀ ଯୋଗାଣ, ସେ ପାଇଥିବା ଇନ୍‌ପୁଟ କର ଜମା , ପ୍ରଦେୟ କର ଓ ଅନ୍ୟାନ୍ୟ ବିବରଣୀମାନ ହିସାବକୁ ନେଇ ତାଙ୍କ ଦ୍ୱାରା ଦେୟ କର, ବିହିତ ହେବା ମତେ ସେପରି ଫର୍ମ ଓ ରୀତିରେ ଓ ସେପରି ସମୟ ମଧ୍ୟରେ ସରକାରଙ୍କୁ ପ୍ରଦାନ କରିବେ :

ଅଧିକନ୍ତୁ ଉପଧାରା (2) ଅନୁଯାୟୀ ରିଟର୍ଣ୍ଣ ଦାଖଲ କରୁଥିବା ପ୍ରତ୍ୟେକ ରେଜିଷ୍ଟ୍ରିକୃତ ବ୍ୟକ୍ତି ତ୍ରିମାସ ମଧ୍ୟରେ ତାଙ୍କର ରାଜ୍ୟରେ କାରବାର, ଦ୍ରବ୍ୟ ବା ସେବା ବା ଉଭୟର ଅର୍ନ୍ତମୁଖୀ ଯୋଗାଣ



ଧାରା 44ର
ସଂଶୋଧନ

ଓ ସେପରି ଅନ୍ୟାନ୍ୟ  ବିବରଣୀମାନ ହିସାବକୁ ନେଇ ତାଙ୍କ ଦ୍ୱାରା  ଦେୟ କର, ବିହିତ ହେବା ମତେ ସେପରି ଫର୍ମ ଓ ରୀତିରେ ଓ ସେପରି ସମୟ ମଧ୍ୟରେ ସରକାରଙ୍କୁ ପ୍ରଦାନ କରିବେ ”।

୮. ମୂଳ ଅଧିନିୟମର ଧାରା 44ର ଉପଧାରା (1) ରେ ନିମ୍ନଲିଖିତ ପରନ୍ତୁକମାନ ଅନ୍ତଃସ୍ଥାପିତ ହେବ ଯଥା : -

“ପରନ୍ତୁ କମିଶନର, ପରିଷଦର ସୁପାରିଶ କ୍ରମେ ଓ କାରଣ ଉଲ୍ଲେଖ କରି ଅଧିସୂଚନା ଦ୍ୱାରା ସେଥିରେ ବିନିର୍ଦ୍ଦିଷ୍ଟ  ହୋଇଥିବା  ମତେ ସେପରି ଶ୍ରେଣୀର ରେଜିଷ୍ଟ୍ରିକୃତ ବ୍ୟକ୍ତିମାନଙ୍କ ନିମନ୍ତେ ବାର୍ଷିକ ରିଟର୍ଣ୍ଣ ଦାଖଲ କରିବାର ସମୟ ସୀମାକୁ ବୃଦ୍ଧି କରିପାରିବେ :

ଅଧିକନ୍ତୁ କେନ୍ଦ୍ରୀୟ କର କମିଶନର ଯଦି କୌଣସି ସମୟ ସୀମାର ବୃଦ୍ଧିକୁ ଅଧିସୂଚୀତ କରିଥାନ୍ତି, ତେବେ ତାହା କମିଶନରଙ୍କ ଦ୍ୱାରା ଅଧିସୂଚିତ ହୋଇଛି  ବୋଲି ବିବେଚନା କରାଯିବ ”।

ଧାରା 49ର ସଂଶୋଧନ

୨. ମୂଳ ଅଧିନିୟମ ଧାରା 49 ର ଉପ-ଧାରା (୨) ପରେ ନିମ୍ନଲିଖିତ ଉପ-ଧାରାମାନ ଅନ୍ତଃସ୍ଥାପିତ ହେବ ଯଥା-:

“(10) ଜଣେ ରେଜିଷ୍ଟ୍ରିକୃତ ବ୍ୟକ୍ତି କମନ ପୋର୍ଟାଲରେ ଏହି ଅଧିନିୟମ ଅନୁଯାୟୀ ଇଲେକ୍ଟ୍ରୋନିକ୍ କ୍ୟାସ ଲେଜରରେ  ଉପଲବ୍ଧ ଯେ କୌଣସି ପରିମାଣର କର, ସୁଧ, ଶାସ୍ତିଧନ, ଫିସ୍ ବା ଅନ୍ୟ  କୌଣସି ପରିମାଣ ବିହିତ ହେବା ମତେ ସେପରି ଫର୍ମରେ ଓ ରୀତିରେ ଏବଂ ସେପରି ସର୍ତ୍ତାବଳୀ ଓ କଟକଣା ପ୍ରତି ସାପେକ୍ଷ ହୋଇ ସମନ୍ୱିତ କର, କେନ୍ଦ୍ରୀୟ କର, ରାଜ୍ୟକର, ସଂଘ ରାଜ୍ୟକ୍ଷେତ୍ର କର ବା ସେସ୍ ନିମନ୍ତେ ଇଲୋକ୍ଟ୍ରୋନିକ କ୍ୟାଶ୍ ଲେଜରର  ଅନ୍ତରଣ କରିପାରିବେ ଏବଂ ସେପରି ଅନ୍ତରଣକୁ ଏହି ଅଧିନିୟମ ଅନୁଯାୟୀ ଇଲେକ୍ଟ୍ରୋନିକ କ୍ୟାଶ ଲେଜରକୁ ଫେରସ୍ତ ବୋଲି ବିବେଚନା କରାଯିବ ।

(11) ଯେବେ ଏହି ଅଧିନିୟମ ଅନୁଯାୟୀ କୌଣସି ପରିମାଣ ଇଲେକ୍ଟ୍ରୋନିକ କ୍ୟାଶ ଲେଜରକୁ ଅନ୍ତରଣ ହୁଏ, ତେବେ ତାହା ଉପଧାରା (1) ରେ ବ୍ୟବସ୍ଥା ହୋଇଥିବା ପ୍ରକାରେ ଉକ୍ତ ଲେଜରରେ ଜମା ହୋଇଛି ବୋଲି ବିବେଚିତ ହେବ । ”

ଧାରା 50 ର ସଂଶୋଧନ

10. ମୂଳ ଅଧିନିୟମର ଧାରା 50ର ଉପ-ଧାରା (1) ରେ ନିମ୍ନଲିଖିତ ପରନ୍ତୁକ ଯୋଗ ହେବ, ଯଥା : -

" ପରନ୍ତୁ ଏକ କର ଅବଧି ମଧ୍ୟରେ କରାଯାଇଥିବା ଯୋଗାଣ ସଂକ୍ରାନ୍ତରେ ପ୍ରଦେୟ କର ଉପରେ ଧାରା ୩୨ର ବ୍ୟବସ୍ଥା ଅନୁସାରେ ଦେୟ ତାରିଖ ପରେ ଦାଖଲ କରାଯାଇଥିବ ଉକ୍ତ ଅବଧି ପାଇଁ ରିଟର୍ଣ୍ଣରେ ଘୋଷଣା କରାଯାଇଥିବା ସୁଧ, ଇଲେକ୍ଟ୍ରୋନିକ କ୍ୟାଶ୍ ଲେଜରରୁ କାଟି କରର ସେହି ଭାଗ ଉପରେ ଆରୋପ କରାଯିବ । କିନ୍ତୁ ଉକ୍ତ ଅବଧି ସଂକ୍ରାନ୍ତରେ ଧାରା 73 ଓ ଧାରା 74 ଅନୁଯାୟୀ କୌଣସି କାର୍ଯ୍ୟବିଧି ଆରମ୍ଭ ହେବା ପରେ ସେପରି ରିଟର୍ଣ୍ଣ ଦାଖଲ କରାଯାଇଥିଲେ , ତାହାକୁ ଏଥିରୁ ବାଦ୍ ଦିଆଯିବ ।

ଧାରା 52 ର ସଂଶୋଧନ

11. ମୂଳ ଅଧିନିୟମର ଧାରା 52 ରେ –

(କ) ଉପଧାରା (4) ରେ ନିମ୍ନଲିଖିତ ପରନ୍ତୁକମାନ ଅନ୍ତଃସ୍ଥାପିତ ହେବ, ଯଥା :-

"ପରନ୍ତୁ କମିଶନର କାରଣ ଉଲ୍ଲେଖ କରି ଅଧିସୂଚନା ଦ୍ୱାରା ସେଥିରେ ବିନିର୍ଦ୍ଦିଷ୍ଟ ହୋଇଥିବା ସେପରି ଶ୍ରେଣୀର ରେଜିଷ୍ଟ୍ରିକୃତ ବ୍ୟକ୍ତିମାନଙ୍କ ପାଇଁ ସମୟ ସୀମା ବୃଦ୍ଧି କରିପାରିବେ :

ଅଧିକନ୍ତୁ କେନ୍ଦ୍ରୀୟ କର କମିଶନର ଯଦି ସମୟ ସୀମାର ବୃଦ୍ଧିକୁ ଅଧିସୂଚୀତ କରିଥାନ୍ତି, ତେବେ ତାହା କମିଶନଙ୍କ ଦ୍ୱାରା ଅଧିସୂଚୀତ ହୋଇଛି ବୋଲି ବିବେଚନା କରାଯିବ । "

(ଖ) ଉପଧାରା (5) ରେ ନିମ୍ନଲିଖିତ ପରନ୍ତୁକମାନ ଅନ୍ତସ୍ଥାପିତ ହେବ, ଯଥା:-

"ପରନ୍ତୁ କମିଶନର, ପରିଷଦର ସୁପାରିଶ କ୍ରମେ ଓ କାରଣ ଉଲ୍ଲେଖ କରି ଅଧିସୂଚନା ଦ୍ୱାରା ସେଥିରେ ବିନିର୍ଦ୍ଦିଷ୍ଟ ହୋଇଥିବା ମତେ ସେପରି ଶ୍ରେଣୀର ରେଜିଷ୍ଟ୍ରିକୃତ ବ୍ୟକ୍ତିମାନଙ୍କ ନିମନ୍ତେ ବାର୍ଷିକ ବିବରଣୀ ଦାଖଲ କରିବାର ସମୟ ସୀମାକୁ ବୃଦ୍ଧି କରି ପାରିବେ :

ଅଧିକନ୍ତୁ କେନ୍ଦ୍ରୀୟ କର କମିଶନର ଯଦି କୌଣସି ସମୟ ସୀମାର ବୃଦ୍ଧିକୁ ଅଧିସୂଚୀତ କରିଥାନ୍ତି, ତେବେ ତାହା କମିଶନରଙ୍କ ଦ୍ୱାରା ଅଧସୂଚିତ ହୋଇଛି ବୋଲି ବିବେଚନା କରାଯିବ ।"

ନୂତନ ଧାରା 53 କ ର ଅନ୍ତଃସ୍ଥାପନ

12. ମୂଳ ଅଧିନିୟମର ଧାରା 53 ପରେ ନିମ୍ନଲିଖିତ ଧାରା ଅନ୍ତଃସ୍ଥାପିତ ହେବ, ଯଥା: -

କେତେକ ପରିମାଣର ଅନ୍ତରଣ

53 କ. ଯେବେ ଏହି ଅଧିନିୟମ ଅନୁଯାୟୀ ଇଲେକ୍ଟ୍ରୋନିକ କ୍ୟାଶ୍ ଲେଜରରୁ କୌଣସି ପରିମାଣ କେନ୍ଦ୍ରୀୟ କର ବା ସମନ୍ୱିତ କର ବା ସେସ୍ ପାଇଁ ଇଲେକ୍ଟ୍ରୋନିକ କ୍ୟାଶ ଲେଜର ଅନ୍ତରଣ ହୋଇଥାଏ, ତେବେ ସରକାର ବିହିତ ହେବା ମତେ ସେପରି ରୀତିରେ ଓ ସେପରି ସମୟ ମଧ୍ୟରେ ଇଲେକ୍ଟ୍ରୋନିକ କ୍ୟାଶ୍ ଲେଜରରୁ ଅନ୍ତରିତ ହୋଇଥିବା ପରିମାଣ ସହିତ ସମାନ

ପରିମାଣ କେନ୍ଦ୍ରୀୟ କର ହିସାବ ବା ସମନ୍ୱିତ କର ହିସାବ ବା ସେସ୍ ହିସାବକୁ ଅନ୍ତରଣ କରିବେ ”।

ଧାରା 54 ର ସଂଶୋଧନ

13. ମୂଳ ଅଧିନିୟମର ଧାରା 54 ର ଉପ-ଧାରା (8) ପରେ ନିମ୍ନଲିଖିତ ଉପଧାରା ଅନ୍ତଃସ୍ଥାପିତ ହେବ, ଯଥା: -

“(8କ) ଯେବେ କେନ୍ଦ୍ର ସରକାର, ରାଜ୍ୟ ସରକାରଙ୍କୁ କରର ଫେରସ୍ତ କରିଥାନ୍ତି, ତେବେ ସରକାର ସେପରି ଫେରସ୍ତ ହୋଇଥିବା ପରିମାଣ ସହିତ ସମାନ ପରିମାଣ କେନ୍ଦ୍ର ସରକାରଙ୍କୁ ଅନ୍ତରଣ କରିବେ ।

ଧାରା 95 ର ସଂଶୋଧନ

14. ମୂଳ ଅଧିନିୟମର ଧାରା 95 ରେ –

(i) ଖଣ୍ଡ (କ) ରେ –

(କ) “ଅପିଲ ପ୍ରାଧିକାରୀ”, ଶବ୍ଦ ଗୁଡିକପରେ “ ବା ଅପିଲ ଜାତୀୟ ପ୍ରାଧିକରଣ” ଶବ୍ଦଗୁଡିକ ପ୍ରତିସ୍ଥାପିତ ହେବ;

(ଖ) “ଧାରା 100 ର ଉପଧାରା (1)” ଶବ୍ଦ ଓ ଅଙ୍କଗୁଡିକ ପରେ “ବା ଧାରା 101

(ଗ) ଅଙ୍କ ଓ ଅକ୍ଷର ଅନ୍ତସ୍ଥାପିତ ହେବ , ଯଥା :-

(ii) ଖଣ୍ଡ (ଙ) ପରେ ନିମ୍ନଲିଖିତ ଖଣ୍ଡ ଅନ୍ତଃସ୍ଥାପିତ ହେବ,ଯଥା :-

(ଚ) ଜାତୀୟ ଅପିଲ ପ୍ରାଧିକରଣ ଅର୍ଥ ଧାରା 101 (କ)ରେ ସୂଚୀତ ଅଗ୍ରିମ ରାୟ ନିମନ୍ତେ -“ଜାତୀୟ ଅପିଲ ପ୍ରାଧିକରଣ” ।

ନୂତନ ଧାରା 101 କ,101 ଖ ଓ 101 ଗ ର ଅନ୍ତସ୍ଥାପନ

15. ମୂଳ ଅଧିନିୟମର ଧାରା 101ପରେ ନିମ୍ନଲିଖିତ ଉପ-ଧାରାମାନ ଅନ୍ତଃସ୍ଥାପିତ ହେବ ଯଥା:-

“କେନ୍ଦ୍ରୀୟ ଦ୍ରବ୍ୟ ଓ ସେବା କର ଅଧିନିୟମ ଅନୁଯାୟୀ ଅଗ୍ରୀମ ରାୟ ନିମନ୍ତେ ଜାତୀୟ ଅପିଲ ପ୍ରାଧିକରଣ ଏହି ଅଧିନିୟମ ଅନୁଯାୟୀ ଅପିଲ ପ୍ରାଧିକରଣ ହେବ ।

101. (କ) ଏହି ଅଧ୍ୟାୟର ବ୍ୟବସ୍ଥାଗୁଡିକ ପ୍ରତି ସାପେକ୍ଷ ହୋଇ ଏହି ଅଧନିୟମ ଅନୁଯାୟୀ କେନ୍ଦ୍ରୀୟ ଦ୍ରବ୍ୟ ଓ ସେବାକର ଅଧିନିୟମର ଧାରା 101 (କ) ଅନୁଯାୟୀ ଗଠିତ ଅଗ୍ରିମ ରାୟ ନିମନ୍ତେ ଜାତୀୟ ଅପିଲ ପ୍ରାଧୀକରଣକୁ ଏହି ଅଧିନିୟମ ଅନୁଯାୟୀ ଅଗ୍ରୀମ ରାୟ ନିମନ୍ତେ ଜାତୀୟ ଅପିଲ ପ୍ରାଧିକରଣ ରୂପେ ବିବେଚନା କରାଯିବ ।

ଜାତୀୟ ଅପିଲ ପ୍ରାଧିକରଣକୁ ଅପିଲ

101. (ଖ)(1) ଯେବେ ଧାରା 97 ର ଉପଧାରା (2) ରେ ସୂଚୀତ କୌଣସି ପ୍ରଶ୍ନ ସଂକ୍ରାନ୍ତରେ ଧାରା 101ର ଉପଧାରା (1) ବା ଉପଧାରା (3) ଅନୁଯାୟୀ ଦୁଇ ବା ତତୋଧିକ ରାଜ୍ୟ ବା ସଂଘ ରାଜ୍ୟ କ୍ଷେତ୍ରର ଅପିଲ ପ୍ରାଧିକରଣ ପରସ୍ପର ବିରୋଧି ଅଗ୍ରୀମ ରାୟ ପ୍ରଦାନ କରିଥାନ୍ତି, ତେବେ ସେପରି ଅଗ୍ରୀମ ରାୟ ଦ୍ୱାରା କ୍ଷୁବ୍ଧ କମିଶନଙ୍କ ଦ୍ୱାରା ପ୍ରାଧିକୃତ କୌଣସି

ଅଧିକାରୀ ବା ଧାରା 25 ରେ ସୂଚୀତ ଭିନ୍ନ ଭିନ୍ନ ଦରଖାସ୍ତକାରୀ ଜାତୀୟ ଅପିଲ ପ୍ରାଧିକରଣଙ୍କ ନିକଟରେ ଅପିଲ କରିପାରିବେ ।

(2) ଏହି ଧାରା ଅନୁଯାୟୀ ପ୍ରତ୍ୟେକ ଅପିଲ, ଯେଉଁ ରାୟ ବିରୁଦ୍ଧରେ ଅପିଲ କରାଯାଉଥିବ ତାହା ଦରଖାସ୍ତକାରୀ, ସଂପୃକ୍ତ ଅଧିକାରୀ ଓ ଅଧିକାରିତା ସଂପନ୍ନ ଅଧିକାରୀଙ୍କୁ ଜଣାଇ ଦିଆଯିବାର ତିରିଶଦିନ ଅବଧି ମଧରେ ଦାଖଲ କରାଯିବ :-

ପରନ୍ତୁ କମିଶନରଙ୍କ ଦ୍ୱାରା ପ୍ରାଧିକୃତ ଜଣେ ଅଧିକାରୀ ଯେଉଁ ରାୟ ବିରୁଦ୍ଧରେ ଅପିଲ କରାଯିବାକୁ ଥିବ, ତାହା ସଂପୃକ୍ତ ଅଧିକାରୀ ବା ଅଧିକାରୀତା ସଂପନ୍ନ ଅଧିକାରୀଙ୍କୁ ଜଣାଇ ଦିଆଯିବାର ନବେ ଦିନ ମଧ୍ୟରେ ଅପିଲ ଦାଖଲ କରିପାରିବେ ।

ଅଧିକନ୍ତୁ ଯଦି ଜାତୀୟ ଅପିଲ ପ୍ରାଧିକରଣଙ୍କ ହୃଦବୋଧ ହୁଏ ଯେ, ଯଥେଷ୍ଟ କାରଣ ଥିବା ହେତୁ ଅପିଲକାରୀ ଉକ୍ତ ତିରିଶ ଦିନ, ବା ଯଥାସ୍ଥିତି, ନବେ ଦିନ ମଧ୍ୟରେ ଅପିଲ ଦାଖଲ କରିପାରି ନ ଥିଲେ, ତେବେ ସେ ଅପିଲ ଦାଖଲ କରିବା ଅବଧିକୁ ଆଉ ସର୍ବାଧିକ ତିରିଶ ଦିନ ପର୍ଯ୍ୟନ୍ତ ବୃଦ୍ଧି କରିପାରିବେ ।

ସ୍ପଷ୍ଟୀକରଣ :- ସନ୍ଦେହମୋଚନ ନିମନ୍ତେ ସ୍ପଷ୍ଟ କରିଦିଆଯାଉଛି ଯେ, ଯେଉଁ ଶେଷ ପରସ୍ପର ବିରୋଧୀ ରାୟ ବିରୁଦ୍ଧରେ ଅପିଲ କରାଯିବାକୁ ଥିବ, ତାହା ଜଣାଇ ଦିଆଯିବା ତାରିଖ ଠାରୁ ତିରିଶ ଦିନ ବା ଯଥାସ୍ଥିତି ନବେ ଦିନ ଅବଧିକୁ ଗଣନା କରାଯିବ ।

(୩) ଏହି ଧାରା ଅନୁଯାୟୀ ପ୍ରତ୍ୟେକ ଅପିଲ, ଯେପରି ବିହିତ ହେବ ସେପରି ଫର୍ମରେ , ସେପରି ଫିସ୍ ସହିତ ଦାଖଲ କରାଯିବ ଓ ସେପରି ରୀତିରେ ସତ୍ୟାପିତ କରାଯିବ ।

ଜାତୀୟ ଅପିଲ ପ୍ରାଧିକରଣଙ୍କ ଆଦେଶ

101 ଗ (1) ଦରଖାସ୍ତକାରୀ, କମିସନରଙ୍କ ଦ୍ୱାରା ପ୍ରାଧିକୃତ ଅଧିକାରୀ ସମସ୍ତ ପ୍ରମୁଖ ମୁଖ୍ୟ କମିସନର, ସମସ୍ତ କେନ୍ଦ୍ରୀୟ କର ମୁଖ୍ୟ କମିସନର ଓ ସମସ୍ତ ରାଜ୍ୟକର ମୁଖ୍ୟ କମିସନର ଓ କମିସନର ଏବଂ ସମସ୍ତ ସଂଘ ରାଜ୍ୟ କ୍ଷେତ୍ର କର ମୁଖ୍ୟ କମିସନର ଓ କମିସନରମାନଙ୍କୁ ଶୁଣାଣିର ଏକ ସୁଯୋଗ ଦେବା ପରେ, ଜାତୀୟ ଅପିଲ ପ୍ରାଧିକରଣ ଉପଯୁକ୍ତ ବିବେଚନ କରିବା ମତେ, ଯେଉଁ ରାୟ ବିରୁଦ୍ଧରେ ଅପିଲ କରାଯାଇଥିବ, ତାହାକୁ କାଏମ୍ ରଖିପାରିବେ ବା ପରିବର୍ତ୍ତନ କରିପାରିବେ ।

(2) ଯଦି ଜାତୀୟ ଅପିଲ ପ୍ରାଧିକରଣର ସଦସ୍ୟମାନଙ୍କ ମଧ୍ୟରେ କୌଣସି ପ୍ରସଙ୍ଗରେ ମତଭେଦ ହୁଏ ତେବେ ତାହା ସଂଖ୍ୟାଧିକ ସଦସ୍ୟଙ୍କ ମତ ଅନୁସାରେ ନିଷ୍ପତ୍ତି କରାଯିବ ।

(3) ଉପଧାରା (1) ରେ ସୂଚିତ ଆଦେଶ, ଯେତେଦୂର ସମ୍ଭବ, ଧାରା 101 ଖ ଅନୁଯାୟୀ ଅପିଲ ଦାଏର କରାଯିବା ତାରିଖ ଠାରୁ ନବେ ଦିନ ଅବଧି ମଧ୍ୟରେ ପାରିତ କରାଯିବ ।

(4) ଜାତୀୟ ଅପିଲ ପ୍ରାଧିକରଣ ଦ୍ୱାରା ଘୋଷଣା କରାଯାଇଥିବା ରାୟର ଏକ ନକଲରେ ସଦସ୍ୟମାନେ ସ୍ୱାକ୍ଷର କରିବେ ଓ ତାହାକୁ ବିହିତ ହେବା ମତେ ସପରି ରୀତିରେ ପ୍ରମାଣୀକୃତ କରାଯିବ ଏବଂ ସେପରି ଘୋଷଣା କରାଯିବା ପରେ, ଦରଖାସ୍ତକାରୀ, କମିସନରଙ୍କ ଦ୍ୱାରା ପ୍ରାଧୀକୃତ ଅଧିକାରୀ, ବୋର୍ଡ, ସମସ୍ତ ରାଜ୍ୟର ରାଜ୍ୟ କର ମୁଖ୍ୟ କମିସନର ଓ କମିସନର ଏବଂ ସମସ୍ତ ସଂଘ ରାଜ୍ୟ କ୍ଷେତ୍ରର ସଂଘରାଜ୍ୟ କ୍ଷେତ୍ର କର ମୁଖ୍ୟ କମିସନର ଓ କମିସନର ତଥା ପ୍ରାଧିକାରୀ ବା ଅପିଲ ପ୍ରାଧିକାରୀଙ୍କ ନିକଟକୁ ପଠାଯିବ ।"

ଧାରା 102ର ସଂଶୋଧନ

16. ମୂଳ ଅଧିନିୟମର ଧାରା 102 ରେ –

(କ) ଉଭୟ ସ୍ଥାନରେ ଥିବା "ଅପିଲ ପ୍ରାଧିକାରୀ" ଶବ୍ଦଗୁଡ଼ିକ ପରେ "ବା ଜାତୀୟ ଅପିଲ ପ୍ରାଧିକାରୀ" ଶବ୍ଦଗୁଡ଼ିକ ଅନ୍ତଃସ୍ଥାପିତ ହେବ;

(ଖ) "ବା ଧାରା 101" ଶବ୍ଦ ଅଙ୍କଗୁଡ଼ିକ ପରେ "ବା ଧାରା 101 ଗ, ଯଥାକ୍ରମେ", ଶବ୍ଦ, ଅଙ୍କ ଓ ଅକ୍ଷର ଅନ୍ତସ୍ଥାପିତ ହେବ;

(ଗ) "ବା ଅପିଲକାରୀ" ଶବ୍ଦଗୁଡ଼ିକ ବଦଳରେ "ଅପିଲକାରୀ, ପ୍ରାଧିକରଣ ବା ଅପିଲ ପ୍ରାଧିକରଣ" ଶବ୍ଦଗୁଡ଼ିକ ପ୍ରତିସ୍ଥପିତ ହେବ

ଧାରା 103ର ସଂଶୋଧନ

17. ମୂଳ ଅଧିନିୟମର ଧାରା 103 ରେ –

(i) ଉପ-ଧାରା (1) ପରେ ନିମ୍ନଲିଖିତ ଉପଧାରା ଅନ୍ତଃସ୍ଥାପିତ ହେବ, ଯଥା –

"(1କ) ଏହି ଅଧ୍ୟାୟ ଅନୁଯାୟୀ ଜାତୀୟ ଅପିଲ ନ୍ୟାୟାଧିକରଣ ଦ୍ୱାରା ଘୋଷଣା କରାଯାଇଥିବା ଅଗ୍ରୀମ ରାୟ ନିମ୍ନଲିଖିତ ବ୍ୟକ୍ତିମାନଙ୍କ ଉପରେ ଆବଦ୍ଧକର ହେବ –

(କ) ଧାରା 101 ଖ ର ଉପଧାରା (1) ଅନୁଯାୟୀ ରାୟ ପାଇଁ ପ୍ରାର୍ଥନା କରିଥିବା ସମସ୍ତ ଦରଖାସ୍ତକାରୀ, ଯେଉଁମାନେ କି ଭିନ୍ନ ଭିନ୍ନ ବ୍ୟକ୍ତି ଅଟନ୍ତି ଏବଂ ଆୟ କର ଅଧିନିୟମ, 1961 ଅନୁଯାୟୀ ସମାନ ସ୍ଥାୟୀ ହିସାବ ସଂଖ୍ୟା (PAN) ଥିବା ସମସ୍ତ ରେଜିଷ୍ଟ୍ରୀକୃତ ବ୍ୟକ୍ତି; 1961 ର 43

(ଖ) ଖଣ୍ଡ (କ) ରେ ସୂଚିତ ଦରଖାସ୍ତକାରୀମାନଙ୍କ ସଂପର୍କରେ ସଂପୃକ୍ତ ସମସ୍ତ ଅଧିକାରୀ ଓ ସମସ୍ତ ଅଧିକାରିତା ସମ୍ପନ୍ନ ଅଧିକାରୀ ଏବଂ ଆୟକର ଅଧିନିୟମ, 1961 ଅନୁଯାୟୀ ଜାରି କରାଯାଇଥିବା ସମାନ ସ୍ଥାୟୀ ହିସାବ ସଂଖ୍ୟା (PAN) ଥିବା ସମସ୍ତ ରେଜିଷ୍ଟ୍ରୀକୃତ ବ୍ୟକ୍ତି; 1961 ର 43

(ii) ଉପଧାରା (2) ରେ ଥିବା "ଉପ-ଧାରା(1)" ଶବ୍ଦ, ବନ୍ଧନୀ ଓ ଅଙ୍କ ପରେ ଓ "ଉପ-ଧାରା (1କ)" ଶବ୍ଦ, ବନ୍ଧନୀ ଅଙ୍କ ଓ ଅକ୍ଷର ଅନ୍ତଃସ୍ଥାପିତ ହେବ ।

ଧାରା 104ର ସଂଶୋଧନ

18. ମୂଳ ଅଧିନିୟମର ଧାରା 104ର ଉପ-ଧାରା (1) ରେ –

(କ) "ପ୍ରାଧିକାରୀ ବା ଅପିଲ ପ୍ରାଧିକାରୀ" ଶବ୍ଦକଗୁଡ଼ିକ ପରେ ବା ଜାତୀୟ ଅପିଲ ପ୍ରାଧିକରଣ ଶବ୍ଦଗୁଡ଼ିକ ଅନ୍ତଃସ୍ଥାପିତ ହେବ

(ଖ) "ଧାରା 101ର ଉପ-ଧାରା (1)" ଶବ୍ଦ, ଅଙ୍କ ଓ ବନ୍ଧନୀ ପରେ ବା" "ଧାରା 101 ଗ" ଶବ୍ଦ, ଅଙ୍କ ଓ ଅକ୍ଷର ଅନ୍ତଃସ୍ଥାପିତ ହେବ

ଧାରା 105ର ସଂଶୋଧନ

19. ମୂଳ ଅଧିନିୟମର ଧାରା 105 ରେ

(କ) ପାର୍ଶ୍ୱସ୍ଥ ଶିରୋନାମା ବଦଳରେ ନିମ୍ନଲିଖିତ ପାର୍ଶ୍ୱସ୍ଥ ଶିରୋନାମା ପ୍ରତିସ୍ଥାପିତ ହେବ ଯଥା – " ପ୍ରାଧିକାରୀ, ଅପିଲ ପ୍ରାଧିକାରୀ ଓ ଜାତୀୟ ଅପିଲ ପ୍ରାଧିକାରୀଙ୍କ କ୍ଷମତା"।

ଧାରା 106ରେ ସଂଶୋଧନ

20. ମୂଳ ଅଧିନିୟମର ଧାରା 106 ରେ –

(କ) ପାର୍ଶ୍ୱସ୍ଥ ଶିରୋନାମା ବଦଳରେ ନିମ୍ନଲିଖିତ ପାର୍ଶ୍ୱସ୍ଥ ଶିରୋନାମା ପ୍ରତିସ୍ଥାପିତ ହେବ, ଯଥା –

"ପ୍ରାଧିକାରୀ, ଅପିଲ ପ୍ରାଧିକାରୀ ଓ ଜାତୀୟ ଅପିଲ ପ୍ରାଧିକରଣଙ୍କ ପ୍ରକ୍ରିୟା"

(ଖ) "ଅପିଲ ପ୍ରାଧିକାରୀ" ଶବ୍ଦଗୁଡ଼କ ପରେ "ବା ଜାତୀୟ ଅପିଲ ପ୍ରାଧିକରଣ" ଶବ୍ଦଗୁଡ଼ିକ ଅନ୍ତଃସ୍ଥାପିତ ହେବ ।

ଧାରା 171ର ସଂଶୋଧନ

21. ମୂଳ ଅଧିନିୟମର ଧାରା 171 ର ଉପ-ଧାରା (3) ପରେ ନିମ୍ନଲିଖିତ ଉପ-ଧାରା ଅନ୍ତଃସ୍ଥାପିତ ହେବ, ଯଥା –

"(3କ) ଯେବେ ଉପ-ଧାରା (2) ଅନୁଯାୟୀ ଆବଶ୍ୟକ ହେବା ମତେ ପରୀକ୍ଷା କରିବା ପରେ ଉକ୍ତ ଉପ-ଧାରାରେ ସୂଚିତ ପ୍ରାଧିକାରୀ ଏହି ସିଦ୍ଧାନ୍ତରେ ଉପନୀତ ହୁଅନ୍ତି ଯେ, କୌଣସି ରେଜିଷ୍ଟ୍ରୀକୃତ ବ୍ୟକ୍ତି ଉପ-ଧାରା (1) ଅନୁଯାୟୀ ଚଢା ଦରରେ ବିକ୍ରୟ କରି ଅଧିକା ଲାଭ କରିଛନ୍ତି, ତେବେ ଉକ୍ତ ବ୍ୟକ୍ତି ସେପରି ଲାଭ କରିଥିବା ପରିମାଣର ଶତକଡ଼ା ଦଶ ଭାଗ ସହିତ ସମାନ ପରିମାଣ ଶାସ୍ତି ରୂପେ ଦେବା ପାଇଁ ଦାୟୀ ରହିବେ;

ପରନ୍ତୁ ପ୍ରାଧୀକାରୀଙ୍କ ଦ୍ୱାରା ଆଦେଶ ଦିଆଯିବାର ତିରିଶ ଦିନ ମଧ୍ୟରେ ଯଦି ଅଧିକ ଲାଭ ହୋଇଥିବା ପରିମାଣ ଜମା କରାଯାଏ, ତେବେ କୌଣସି ଶାସ୍ତି ଆରୋପ କରାଯିବ ନାହିଁ ।

**ସ୍ପଷ୍ଟୀକରଣ :-** ଏହି ଧାରା ଉଦ୍ଦେଶ୍ୟରେ "ଅଧିକ ଲାଭ" ର ଅର୍ଥ ଦ୍ରବ୍ୟ ବା ସେବା ବା ଉଭୟର ଯୋଗାଣ ଉପରେ କର ହାରରେ ହ୍ରାସ ଯୋଗୁଁ ହୋଇଥିବା ଲାଭ ବା ଇନପୁଟ କର ଜମାର ଲାଭ, ପ୍ରାପ୍ତିକର୍ତ୍ତାଙ୍କୁ ଦ୍ରବ୍ୟ ବା ସେବା ବା ଉଭୟର ହ୍ରାସିତ ମୂଲ୍ୟ ସହିତ ସମାନୁପାତିକ ଲାଭ ନ ଦେବା ହେତୁ, ତାହା ଉପରେ ଅବଧାରିତ ହୋଇଥିବା ପରିମାଣ ।"।

# ଉଦ୍ଦେଶ୍ୟ ଓ କାରଣ କଥନ

ରାଜ୍ୟ ମଧ୍ୟରେ ଦ୍ରବ୍ୟ ଓ ସେବା ବା ଉଭୟର ଯୋଗାଣ ଉପରେ ରାଜ୍ୟ ସରକାର କର ଆରୋପ କରିବା ଓ ଆଦାୟ କରିବା ନିମନ୍ତେ ବ୍ୟବସ୍ଥା କରିବା ସକାଶେ ଓଡ଼ିଶା ଦ୍ରବ୍ୟ ଓ ସେବା କର ଅଧିନିୟମ, 2017 ପ୍ରଣୟନ କରାଯାଇଥିଲା । ଏହି ଅଧିନିୟମକୁ ତା.01.07.2017 ରୁ ପ୍ରଚଳିତ କରାଗଲା ।

2. ତେବେ ନୂତନ କର ପଦ୍ଧତି କାର୍ଯ୍ୟକାରୀ ହେବା ବେଳେ ସେଥିରେ କରଦାତାମାନେ ରିଟର୍ଣ୍ଣ ଦାଖଲ କରିବା ଓ କର ପ୍ରଦାନ କରିବା ପ୍ରକ୍ରିୟା ରେ କେତେକ ଅସୁବିଧାର ସମ୍ମୁଖୀନ ହେଉଥିବା ହୃଦ୍‌ବୋଧ ହେଲା । ଏତଦ୍ ବ୍ୟତିତ ବିଭିନ୍ନ ରାଜ୍ୟର ଅପିଲ ପ୍ରାଧିକାରୀଙ୍କ ଦ୍ୱାରା ଏହି ଅଧିନିମ ଏବଂ ନିୟମାବଳିରେ ଅଧିସୂଚନା ଗୁଡିକର ବିଭିନ୍ନ ବ୍ୟବସ୍ଥାର ବ୍ୟାଖ୍ୟା ଗୁଡିକର ଜାତୀୟ ଅପିଲ ପ୍ରାଧିକାରିଙ୍କ ଦ୍ୱାରା ସମାଧାନ ହେବ ।

3. ପ୍ରସ୍ତାବିତ ଓଡ଼ିଶା ଦ୍ରବ୍ୟ ଓ ସେବାକର (ସଂଶୋଧନ) ବିଧେୟକ, 2019 ରେ ଅନ୍ୟାନ୍ୟ ବିଷୟ ମଧ୍ୟରେ ନିମ୍ନଲିଖିତ ବିଷୟରେ ବ୍ୟବସ୍ଥା ରହିଛି , ଯଥା :-

(i) ଧାରା 10ର ସଂଶୋଧନ କରି ପୂର୍ବବର୍ତ୍ତୀ ବର୍ଷରେ ମୋଟ କାରବାର 50ଲକ୍ଷ ଟଙ୍କାରୁ କମ୍ ହୋଇଥିଲେ, ଉଭୟ ଦ୍ରବ୍ୟ ଓ ସେବାର ରେଜିଷ୍ଟ୍ରୀକୃତ ଯୋଗାଣକାରୀମାନଙ୍କ ନିମନ୍ତେ ଯୋଜନାର ପରିସରକୁ ବୃଦ୍ଧି କରିବା;

(ii) ଧାରା 22ର ସଂଶୋଧନ କରି କେବଳ ଦ୍ରବ୍ୟର ଯୋଗାକାରୀ ମାନଙ୍କ ନିମନ୍ତେ କରଦାତାମାନଙ୍କ ରେଜିଷ୍ଟ୍ରୀକରଣ ପାଇଁ ପ୍ରାରମ୍ଭିକ ସୀମାକୁ 20ଲକ୍ଷ ଟଙ୍କାରୁ 40 ଲକ୍ଷ ଟଙ୍କାକୁ ବୃଦ୍ଧି କରିବା;

(iii) ଧାରା 25ର ସଂଶୋଧନ କରି ପ୍ରତ୍ୟେକ ରେଜିଷ୍ଟ୍ରିକୃତ ବ୍ୟକ୍ତି ଆଧାର ସଂଖ୍ୟା ବ୍ୟବହାର କରି ସତ୍ୟାପନ କରିବାକୁ ଓ କିପରି ଭାବେ ଆଧାରର ସତ୍ୟତା ପ୍ରତିପାଦନ କରିବାକୁ ହେବ, ତାହା ବିହିତ କରିବା;

(iv) ଏକ ନୂତନ ଧାରା 31 କ ଅନ୍ତଃସ୍ଥାପନ କରି କେତେକ ରେଜିଷ୍ଟ୍ରିକୃତ ଯୋଗାଣକାରୀ ସେମାନଙ୍କ ପ୍ରାପ୍ତି କର୍ତ୍ତାମାନଙ୍କୁ ବିହିତ ଇଲେକ୍ଟ୍ରୋନିକ ମାଧ୍ୟମରେ କିପରି ଅର୍ଥ ପ୍ରଦାନ କରିବେ ତାହାର ବୈକଳ୍ପିକ ବ୍ୟବସ୍ଥା କରିବା;

(v) ଅଧିନିୟମର ଧାରା 39ର ସଂଶୋଧନ କରି ତ୍ରୈମାସିକ କର ପ୍ରଦାନ କରିବା ବେଳେ ବାର୍ଷିକ ରିଟର୍ଣ୍ଣ ଦାଖଲ କରିବା ପାଇଁ କରଦାତାମାନଙ୍କୁ ଅନୁମତି ଦେବା ଏବଂ ଅନ୍ୟ ବିନିର୍ଦ୍ଦିଷ୍ଟ କରଦାତାମାନେ ଯେପରି ତ୍ରିମାସ ପାଇଁ ବା ପ୍ରତି ମାସରେ

ରିଟର୍ଣ୍ଣ ଦାଖଲ କରିପାରିବେ ବା କର ପ୍ରଦାନ କରିପାରିବେ ସେଥିପାଇଁ ସେମାନଙ୍କୁ ବିକଳ୍ପ ଦେବା;

(vi) ଅଧିନିୟମର ଧାରା 44ର ଧାରା ସଂଶୋଧନ କରି ରାଜ୍ୟ କର / କେନ୍ଦ୍ରୀୟ କର କମିଶନରଙ୍କୁ ବାର୍ଷିକ ରିଟର୍ଣ୍ଣର ଧାର୍ଯ୍ୟ ତାରିଖକୁ ବୃଦ୍ଧି କରିବା ସକାଶେ କ୍ଷମତା ଦେବା;

(vii) ଅଧିନିୟମର ଧାରା 49ରେ ଉପଧାରା(10) ଓ ଉପଧାରା (11) ଭାବେ ଦୁଇଗୋଟି ନୂତନ ଉପଧାରା ଯୋଗ କରି କରଦାତା ସୁବିଧାରେ କର, ସୁଧ, ଶାସ୍ତିଧନ, ଫିସ୍ ବା ଇଲେକ୍ଟ୍ରୋନିକ କ୍ୟାଶ୍ ଲେଜରରେ ଉପଲବ୍ଧ ଅନ୍ୟ କୌଣସି ପରିମାଣର ଅନ୍ତଃରଣକୁ ସୁଗମିତ କରିବା ଯଦ୍ଦ୍ୱାରା ସମନ୍ୱିତ କର, କେନ୍ଦ୍ରୀୟ କର, ରାଜ୍ୟ କର, ସଂଘରାଜ୍ୟ କ୍ଷେତ୍ର କର ବା ସେସ୍ ଅଧୀନରେ ଥିବା ସଠିକ୍ ଶୀର୍ଷକୁ ଅନ୍ତରିତ ହୋଇପାରିବ;

(viii) ଅଧିନିୟମର ଧାରା 50(i) ରେ ଏକ ପରନ୍ତୁକ ଯୋଗ କରି କେବଳ ନଗଦ କର ଦାୟିତ୍ୱ ଉପରେ ସୁଧ ଚାର୍ଜ କରିବା; ଏହି ବ୍ୟବସ୍ଥା ଓଡିଶା ଦ୍ରବ୍ୟ ଓ ସେବା କର ଅଧିନିୟମ, 2017 ର ଧାରା 73 ବା74 ଅନୁୟାୟୀ କୌଣସି କାର୍ଯ୍ୟବିଧି ଆରମ୍ଭ ହୋଇସାରିଥିବା ପରେ ରିଟର୍ଣ୍ଣ ଦାଖଲ କରାଯାଇଥିବା ସ୍ଥଳେ ଲାଗୁ ହେବ ନାହିଁ ।

(ix) ଅଧିନିୟମର ଧାରା 52(4) ଓ 52(5) ରେ ନୂତନ ପରନ୍ତୁକ ଯୋଗ କରି ଉତ୍ସରେ କର୍ ଆଦାୟ କରୁଥିବା ବ୍ୟକ୍ତିଙ୍କ ଦ୍ୱାରା ମାସିକ ଓ ବାର୍ଷିକ ରିଟର୍ଣ୍ଣ ଦାଖଲ କରିବା ନିମନ୍ତେ ଦେୟ ତାରିଖର ସୀମାକୁ ବୃଦ୍ଧି କରିବା ପାଇଁ କେନ୍ଦ୍ରୀୟ କର କମିଶନରଙ୍କୁ କ୍ଷମତା ଦେବା;

(x) ଏକ ନୂତନ ଧାରା 53A ଅନ୍ତଃସ୍ଥାପନ କରି ରେଜିଷ୍ଟ୍ରୀକୃତ ବ୍ୟକ୍ତିଙ୍କ ଇଲେକ୍ଟ୍ରୋନିକ କ୍ୟାଶ୍ ଲେଜରରେ ଥିବା ପରିମାଣକୁ ଗୋଟିଏ ଶୀର୍ଷରୁ ଅନ୍ୟ ଶୀର୍ଷକୁ ଅନ୍ତରଣ ପାଇଁ ଅନୁମତି ଦେବା ନିମନ୍ତେ ବ୍ୟବସ୍ଥା କରିବା;

(xi) ନୂତନ ଧାରା 101 କ, 101 ଖ, 101 ଗ ଅନ୍ତଃସ୍ଥାପନ କରି ଅଗ୍ରୀମ ରାୟ ନିମନ୍ତେ ଜାତୀୟ ଅପିଲ ପ୍ରାଧୀକରଣର ପ୍ରତିଷ୍ଠା, ତାହାର ସଦସ୍ୟ ମାନଙ୍କ ଯୋଗ୍ୟତା, ନିଯୁକ୍ତି, କାର୍ଯ୍ୟକାଳ ଏବଂ ଅପିଲ ଦାୟର କରିବା ସଂକ୍ରାନ୍ତରେ ବ୍ୟବସ୍ଥା କରିବା;

(xii) ଅଧିନିୟମର ଧାରା 102ର ସଂଶୋଧନ କରି ଜାତୀୟ ଅପିଲ ପ୍ରାଧୀକରଣ ଦେଇଥିବା କୌଣସି ଆଦେଶରେ ସ୍ପଷ୍ଟରୂପେ ପ୍ରତୀୟମାନ ହେଉଥିବା କୌଣସି ତ୍ରୁଟିକୁ ଆଦେଶ ଦିଆଯିବାର ଛଅ ମାସ ମଧ୍ୟରେ ସଂଶୋଧନ କରିବା ପାଇଁ ବ୍ୟବସ୍ଥା କରିବା;

(xiii) ଅଧିନିୟମର ଧାରା 104 ର ସଂଶୋଧନ କରି ଜାତୀୟ ଅପିଲ ପ୍ରାଧୀକରଣଙ୍କ ଠାରୁ ପ୍ରବଞ୍ଚନା କରି ବା ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଲୁଚାଇ ବା ତଥ୍ୟର ମିଥ୍ୟା ବର୍ଣ୍ଣନା କରି ଯଦି କୌଣସି ଅଗ୍ରୀମ ରାୟ ହାସଲ କରାଯାଇଥାଏ, ତେବେ ସେ ଘୋଷଣା କରିଥିବା ରାୟକୁ ବ୍ୟର୍ଥ କରିବା ପାଇଁ ବ୍ୟବସ୍ଥା କରିବା;

(xiv) ଅଧିନିୟମର ଧାରା 105 ର ସଂଶୋଧନ କରି ଅଧିନିୟମ ଅନୁଯାୟୀ ଜାତୀୟ ଅପିଲ ପ୍ରାଧିକରଣ ନିଜର କ୍ଷମତା ପ୍ରୟୋଗ କରିବା ବେଳେ ତାଙ୍କ ଠାରେ ସିଭିଲ ପ୍ରକ୍ରିୟା ସଂହିତା ଅନୁଯାୟୀ ଏକ ସିଭିଲ ନ୍ୟାୟାଳୟର ସମସ୍ତ କ୍ଷମତା ଅର୍ପଣ କରିବା;

(xv) ଅଧିନିୟମର ଧାରା 106 ର ସଂଶୋଧନ କରି ଜାତୀୟ ପ୍ରାଧୀକରଙ୍କୁ ନିଜର ପ୍ରକ୍ରିୟା ବିନିୟମିତ କରିବା ପାଇଁ କ୍ଷମତାପନ୍ନ କରିବା;

(xvi) ଅଧିନିୟମର ଧାରା 171ର ଉପଧାରା (3) ପରେ ଏକ ନୂତନ ଉପଧାରା (3କ) ଅନ୍ତଃସ୍ଥାପିତ କରି ଜାତୀୟ ମୁନାଫାଖୋର ନିରୋଧୀ ପ୍ରାଧୀକରଣ (ଅଧିନିୟମର ଧାରା 171ର ଉପଧାରା (2) ଅନୁଯାୟୀ ଗଠିତ)କୁ ଲାଭ ପରିମାର ଶତକଡା 10 ଭାଗ ସହିତ ସମାନ ପରିମାଣ ଶାସ୍ତି ଆରୋପ କରିବା ପାଇଁ କ୍ଷମତାପନ୍ନ କରିବା;

4. ଉପରୋକ୍ତ ଉଦ୍ଦେଶ୍ୟ ସାଧନ ଲାଗି ବିଧେୟକଟି ଉଦ୍ଦିଷ୍ଟ ।

**(ନିରଞ୍ଜନ ପୂଜାରୀ)**

**ଭାରପ୍ରାପ୍ତ ସଦସ୍ୟ**

# <u>ଅନୁଲଗ୍ନ</u>

# ଓଡିଶା ଦ୍ରବ୍ୟ ଓ ସେବା କର ଅଧିନିୟମ, 2017

# (2017ର ଓଡିଶା ଅଧିନିୟମ 7) ରୁ ଉଦ୍ଧୃତ

ସଂଜ୍ଞା **2.** ପ୍ରସଙ୍ଗ ଅନ୍ୟଥା ଆବଶ୍ୟକ କରୁନଥିଲେ ଏହି ଅଧିନିୟମରେ -

**(4) "ନ୍ୟାୟ ନିର୍ଣ୍ଣାୟକ ପ୍ରାଧିକାରୀ"** ଅର୍ଥ ଏହି ଅଧିନିୟମ ଅନୁଯାୟୀ କୌଣସି ଆଦେଶ ବା ନିଷ୍ପତ୍ତି ଦେବା ପାଇଁ ସକ୍ଷମ କୌଣସି ପ୍ରାଧିକାରୀ, କିନ୍ତୁ କମିଶନର, ପୁନରୀକ୍ଷଣ ପ୍ରାଧିକାରୀ, ଅଗ୍ରୀମ ରାୟ ପ୍ରାଧିକାରୀ, ଅଗ୍ରୀମ ରାୟ ଅପିଲ ପ୍ରାଧିକାରୀ, ଅପିଲ ପ୍ରାଧିକାରୀ, ଅପିଲ ନ୍ୟାୟାଧିକରଣ ଓ ଧାରା 171 ର ଉପଧାରା (2) ରେ ସୂଚୀତ ପ୍ରାଧିକାରୀ ଏଥିରେ ଅନ୍ତର୍ଭୁକ୍ତ ହେବେ ନାହିଁ;

X X X X X

## <u>ଅଧ୍ୟାୟ III</u>

## <u>କର ବସାଣ ଓ ଅସୁଲ</u>

ସମ୍ମିଶ୍ରିତ କର ବସାଣ

10.(1) ଏହି ଅଧିନିୟମରେ ଯାହା କିଛି ଥିବା ସତ୍ତ୍ୱେ, କିନ୍ତୁ ଧାରା 9 ର ଉପଧାରା (3) ଓ (4) ର ବ୍ୟବସ୍ଥାଗୁଡିକ ପ୍ରତି ସାପେକ୍ଷ ହୋଇ, ପୂର୍ବବର୍ତ୍ତୀ ବର୍ଷ ଯେଉଁ ରେଜିଷ୍ଟ୍ରିକୃତ ବ୍ୟକ୍ତିଙ୍କ ସର୍ବମୋଟ କାରବାର ପଚାଶ ଲକ୍ଷ ଟଙ୍କାରୁ ଅଧିକ ହୋଇନଥାଏ, ସେ ଧାରା 9 ର ଉପଧାରା (1) ଅନୁଯାୟୀ ତାଙ୍କ ଦ୍ୱାରା ପ୍ରଦେୟ କର ବଦଳରେ ବିହିତ ହେବା ମତେ ସେପରି ହାରରେ ଗଣନା କରାଯାଇଥିବା ପରି କର ପ୍ରଦାନ କରିବା ପାଇଁ ଇଚ୍ଛା ପ୍ରକଟ କରିପାରିବେ, ଯାହାକି ବିହିତ ହେବା ମତେ ସେପରି ସର୍ତ୍ତାବଳୀ ଓ କଟକଣା ପ୍ରତି ସାପେକ୍ଷ ହୋଇ ନିମ୍ନଲିଖିତ ହାର ଠାରୁ ଅଧିକ ହେଉ ନଥିବ –

(କ) ନିର୍ମାତାଙ୍କ ସ୍ଥଳେ ରାଜ୍ୟରେ କାରବାରର ଏକ ପ୍ରତିଶତ

(ଖ) ଅନୁସୂଚୀ II ର ପାରା 6 ର ଖଣ୍ଡ (ଖ) ରେ ସୂଚୀତ ଯୋଗାଣ କରିବାରେ ନିୟୋଜିତ ବ୍ୟକ୍ତିଙ୍କ ସ୍ଥଳେ ରାଜ୍ୟରେ କାରବାରର ଦୁଇ ଓ ଅଧା (ଅଢେଇ) ପ୍ରତିଶତ, ଏବଂ

(ଗ) ଅନ୍ୟ ଯୋଗାଣକାରୀଙ୍କ କ୍ଷେତ୍ରରେ ରାଜ୍ୟରେ କାରବାରର ଅଧା ପ୍ରତିଶତ:

ପରନ୍ତୁ ସରକାର ଅଧିସୂଚନା ଦ୍ୱାରା ଉକ୍ତ ପଚାଶ ଲକ୍ଷ ଟଙ୍କା ସୀମାକୁ ପରିଷଦର ସୁପାରିଶ କ୍ରମେ ଏକ କୋଟି ପଚାଶ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରିପାରିବେ :

ଅଧିକନ୍ତୁ ଯେଉଁ ବ୍ୟକ୍ତି ଖଣ୍ଡ (କ) ବା ଖଣ୍ଡ (ଖ) ବା ଖଣ୍ଡ (ଗ) ଅନୁଯାୟୀ କର ପ୍ରଦାନ କରିବାକୁ ଇଚ୍ଛା ପ୍ରକଟ କରିବେ ସେ (ଅନୁସୂଚୀ II ର ପାରା 6 ର ଖଣ୍ଡ (ଖ) ରେ ସୂଚୀତ ସେବା ଗୁଡିକ ବ୍ୟତୀତ) ପୂର୍ବବର୍ତ୍ତୀ ଆର୍ଥିକ ବର୍ଷରେ ଏକ ରାଜ୍ୟ ବା ସଂଘ ରାଜ୍ୟ କ୍ଷେତ୍ରରେ କାରବାରର ସର୍ବାଧିକ ଦଶ ପ୍ରତିଶତ ବା ପାଞ୍ଚ ଲକ୍ଷ ଟଙ୍କା ଏଦୁଇଟି ମଧ୍ୟରୁ ଯେଉଁଟି ଅଧିକ ସେତିକି ମୂଲ୍ୟର ସେବା ଯୋଗାଣ କରିପାରିବେ ।

(2) ଜଣେ ରେଜିଷ୍ଟ୍ରିକୃତ ବ୍ୟକ୍ତି ଉପ-ଧାରା (1) ଅନୁଯାୟୀ ନିମ୍ନଲିଖିତ ସ୍ଥଳେ ଇଚ୍ଛା ପ୍ରକଟ କରିବାକୁ ଯୋଗ୍ୟ ହେବେ,-

(କ) ଯଦି ସେ ଅନୁସୂଚୀ II ର ପାରାଗ୍ରାଫ୍ 6 ର ଖଣ୍ଡ (ଖ) ରେ ସୂଚିତ ଯୋଗାଣ ଭିନ୍ନ ଅନ୍ୟ କୌଣସି ସେବାର ଯୋଗାଣରେ ନିୟୋଜିତ ନଥାନ୍ତି;

(ଖ) ଯଦି ସେ ଏହି ଅଧିନିୟମ ଅନୁଯାୟୀ କର ଆରୋପଣୀୟ ହେଉନଥିବା କୌଣସି ଦ୍ରବ୍ୟ ଯୋଗାଣରେ ନିୟୋଜିତ ନଥାନ୍ତି;

(ଗ) ଯଦି ସେ ଦ୍ରବ୍ୟର ଆନ୍ତଃରାଜ୍ୟ ବହିର୍ମୁଖୀ ଯୋଗାଣରେ ନିୟୋଜିତ ନଥାନ୍ତି;

(ଘ) ଯଦି ସେ ଧାରା 52 ଅନୁଯାୟୀ ଉତ୍ସରେ କର ଅସୁଲ କରିବାକୁ ଆବଶ୍ୟକ ହେଉଥିବା ଜଣେ ଇଲେକ୍ଟ୍ରୋନିକ୍ ବାଣିଜ୍ୟ ସଂଚାଳକଙ୍କ ଜରିଆରେ କୌଣସି ଦ୍ରବ୍ୟ ଯୋଗାଣ କରିବାରେ ନିୟୋଜିତ ନଥାନ୍ତି; ଏବଂ

(ଙ) ଯଦି ସେ ପରିଷଦର ସୁପାରିଶ କ୍ରମେ ସରକାରଙ୍କ ଦ୍ୱାରା ଅଧିସୂଚିତ ହେବା ମତେ ସେପରି ଦ୍ରବ୍ୟର ନିର୍ମାତା ହୋଇ ନଥାନ୍ତି :

ପରନ୍ତୁ ଯେବେ ଏକାଧିକ ରେଜିଷ୍ଟ୍ରିକୃତ ବ୍ୟକ୍ତିଙ୍କର ସମାନ ସ୍ଥାୟୀ ହିସାବ ସଂଖ୍ୟା (ଆୟକର ଅଧିନିୟମ, 1961 ଅନୁଯାୟୀ ଜାରି କରାଯାଇଥିବା) ଥିବ, ତେବେ ସମସ୍ତ ରେଜିଷ୍ଟ୍ରିକୃତ ବ୍ୟକ୍ତି, ଉକ୍ତ ଉପ-ଧାରା (1) ଅନୁଯାୟୀ କର ପ୍ରଦାନ କରିବାକୁ ଇଚ୍ଛା ପ୍ରକଟ ନ କଲେ, ସେହି ଉପ-ଧାରା ଅନୁଯାୟୀ ରେଜିଷ୍ଟ୍ରିକୃତ ବ୍ୟକ୍ତି ଉକ୍ତ ପରିକଳ୍ପନା ପାଇଁ ଇଚ୍ଛା ପ୍ରକଟ କରିବାକୁ ଯୋଗ୍ୟ ହେବେ ନାହିଁ ।

(3) ଗୋଟିଏ ଆର୍ଥିକ ବର୍ଷରେ ଜଣେ ରେଜିଷ୍ଟ୍ରିକୃତ ବ୍ୟକ୍ତିଙ୍କର ସର୍ବୋମୋଟ କାରବାର, ଉପ-ଧାରା (1) ଅନୁଯାୟୀ ବିନିର୍ଦ୍ଦିଷ୍ଟ ସୀମା ଠାରୁ ବେଶୀ ହେଲେ, ସେହି ଦିନ ଠାରୁ ସେ ଉପ-ଧାରା (1) ଅନୁଯାୟୀ ପ୍ରକଟ କରିଥିବା ଇଚ୍ଛା ଅକାମୀ ହୋଇଯିବ ।

(4) ଉପ-ଧାରା (1) ର ବ୍ୟବସ୍ଥାଗୁଡ଼ିକ ଯେଉଁ କରଯୋଗ୍ୟ ବ୍ୟକ୍ତିଙ୍କ ପ୍ରତି ଲାଗୁ ହେଉଥାଏ, ସେ କରିଥିବା ଯୋଗାଣ ଉପରେ ପ୍ରାପ୍ତିକର୍ତ୍ତାଙ୍କ ଠାରୁ କର ଅସୁଲ କରିବେ ନାହିଁ କି କୌଣସି ଇନ୍-ପୁଟରେ ଜମା ପାଇଁ ହକଦାର ହେବେ ନାହିଁ ।

(5) ଯଦି ଉଚିତ ଅଧିକାରୀଙ୍କର ବିଶ୍ୱାସ କରିବାକୁ କାରଣ ଥାଏ ଯେ, ଜଣେ କରଯୋଗ୍ୟ ବ୍ୟକ୍ତି କର ପ୍ରଦାନ କରିବାକୁ ଯୋଗ୍ୟ ହେଉନଥିଲେ ହେଁ, ସେ ଉପ-ଧାରା (1) ଅନୁଯାୟୀ କର ପ୍ରଦାନ କରିଛନ୍ତି, ତେବେ ସେ, ଏହି ଅଧିନିୟମର ଅନ୍ୟ କୌଣସି ବ୍ୟବସ୍ଥା ଅନୁଯାୟୀ ତାଙ୍କ ଦ୍ୱାରା ପ୍ରଦେୟ କୌଣସି କର ସହିତ ଶାସ୍ତି ଧନ ମଧ୍ୟ ପ୍ରଦାନ କରିବାକୁ ଦାୟୀ ହେବେ ଏବଂ ଧାରା 73 ବା ଧାରା 74 ର ବ୍ୟବସ୍ଥାମାନ ଯଥୋଚିତ ପରିବର୍ତ୍ତନ ସହ କର ଓ ଶାସ୍ତି ଧନ ଅବଧାରଣ କରିବା ପାଇଁ ପ୍ରଯୁଜ୍ୟ ହେବ ।

X X x

## ଅଧ୍ୟାୟ-VI

## ରେଜିଷ୍ଟ୍ରିକରଣ

ରେଜିଷ୍ଟ୍ରିକରଣ ପାଇଁ ଦାୟୀ ବ୍ୟକ୍ତି ।

22 (1)ଯଦି କୌଣସି ଯୋଗାଣକାରୀଙ୍କର ଗୋଟିଏ ଆର୍ଥିକ ବର୍ଷରେ ସର୍ବମୋଟ କାରବାର କୋଡିଏ ଲକ୍ଷ ଟଙ୍କାରୁ ଅଧିକ ହେଉଥିବ, ତେବେ ସେପରି ପ୍ରତ୍ୟେକ ଯୋଗାଣକାରୀ ରାଜ୍ୟରେ କରଯୋଗ୍ୟ ଦ୍ରବ୍ୟ ବା ସେବା ବା ଉଭୟର ଯୋଗାଣ ନିମନ୍ତେ ଏହି ଅଧିନିୟମ ଅନୁଯାୟୀ ରେଜିଷ୍ଟ୍ରୀକୃତ ହେବାପାଇଁ ଦାୟୀହେବେ:

ପରନ୍ତୁ ସେପରି ବ୍ୟକ୍ତି କୌଣସି ବିଶେଷ ବର୍ଗର ରାଜ୍ୟରୁ କରଯୋଗ୍ୟ ଦ୍ରବ୍ୟ ବା ସେବା ବା ଉଭୟର ଯୋଗାଣ କରୁଥିବା ସ୍ଥଳେ, ଯଦି ଗୋଟିଏ ଆର୍ଥିକ ବର୍ଷରେ ତାଙ୍କର ସର୍ବମୋଟ କାରବାର ଦଶ ଲକ୍ଷ ଟଙ୍କାରୁ ଅଧିକ ହେଉଥାଏ, ତେବେ ସେ ରେଜିଷ୍ଟ୍ରୀକୃତ ହେବାପାଇଁ ଦାୟୀହେବେ ।

ଅଧିକନ୍ତୁ ଏକ ସ୍ୱତନ୍ତ୍ର ବର୍ଗ ରାଜ୍ୟର ଅନୁରୋଧ ଏବଂ ପରିଷଦର ସୁପାରିଶ କ୍ରମେ ସରକାର ପ୍ରଥମ ପରନ୍ତୁକରେ ଉଲ୍ଲିଖିତ ମୋଟ କାରବାରକୁ ଦଶ ଲକ୍ଷ ଟଙ୍କାରୁ ସର୍ବାଧିକ

କୋଡିଏ ଲକ୍ଷ ଟଙ୍କା ପର୍ଯ୍ୟନ୍ତ, ଅଧିସୂଚିତ ହେବାମତେ ସେଭଳି ସର୍ତ୍ତାବଳୀ ଓ କଟକଣା ପ୍ରତି ସାପେକ୍ଷହୋଇ, ବୃଦ୍ଧି କରିପାରିବେ ।

ରେଜିଷ୍ଟ୍ରିକରଣ ପ୍ରକ୍ରିୟା

25 (1) ଧାରା 22 ର ଉପଧାରା 24 ଅନୁଯାୟୀ ରେଜିଷ୍ଟ୍ରୀ ହେବା ପାଇଁ ଦାୟୀ ପ୍ରତ୍ୟେକ ବ୍ୟକ୍ତି ବିହିତ ହେବା ମତେ ସେପରି ସେପରି ରୀତିରେ ସର୍ତ୍ତାବଳୀର ସାପେକ୍ଷତାରେ ଯେଉଁ ତାରିଖ ଠାରୁ ସେ ରେଜିଷ୍ଟ୍ରୀକରଣ ପାଇଁ ଦାୟୀ ହେଉଥିବେ ସେହି ତାରିଖଠାରୁ ତିରିଶ ଦିନ ମଧ୍ୟରେ ରେଜିଷ୍ଟ୍ରୀକରଣ ପାଇଁ ଆବେଦନ କରିବେ :

ପରନ୍ତୁ କୌଣସି ସାମୟିକ କରଯୋଗ୍ୟ ବ୍ୟକ୍ତି ବା ପ୍ରବାସୀ କରଯୋଗ୍ୟ ବ୍ୟକ୍ତି ବ୍ୟବସାୟ ପ୍ରାରମ୍ଭର ଅତି କମ୍‌ରେ ପାଞ୍ଚଦିନ ପୂର୍ବରୁ ରେଜିଷ୍ଟ୍ରିକରଣ ପାଇଁ ଆବେଦନ କରିବେ ।

ସ୍ପଷ୍ଟୀକରଣ –ଭାରତର କ୍ଷେତ୍ରୀୟ ଜଳଭାଗରୁ ଯୋଗାଣ କରୁଥିବା ପ୍ରତ୍ୟେକ ବ୍ୟକ୍ତି ସମୁଚିତ ଆଧାର ରେଖାର ପାଖାପାଖି ପଏଣ୍ଟରେ ଥିବା ଉପକୂଳବର୍ତ୍ତୀ ରାଜ୍ୟରୁ ରେଜିଷ୍ଟ୍ରୀକରଣ ହାସଲ କରିବେ ।

(2) ଏହି ଅଧିନିୟମ ଅନୁଯାୟୀ ରେଜିଷ୍ଟ୍ରୀକରଣ ଚାହୁଁଥିବା କୌଣସି ବ୍ୟକ୍ତିଙ୍କୁ ଗୋଟିଏ ମାତ୍ର ରେଜିଷ୍ଟ୍ରୀକରଣ ମଞ୍ଜୁର କରାଯିବ :

ପରନ୍ତୁ ରାଜ୍ୟରେ ଏକାଧିକ ବ୍ୟବସାୟ ଭର୍ଟିକାଲ ଥିବା କୌଣସି ବ୍ୟକ୍ତିଙ୍କୁ ବିହତ ହେବା ମତେ ସେପରି ସର୍ତ୍ତାବଳୀର ସାପେକ୍ଷତାରେ ପ୍ରତ୍ୟେକ ବ୍ୟବସାୟ ଭର୍ଟିକାଲ ପାଇଁ ପୃଥକ ରେଜିଷ୍ଟ୍ରୀକରଣ ମଞ୍ଜୁର କରାଯାଇପାରିବ ।

(3) ଧାରା 22 ବା ଧାରା 24 ଅନୁଯାୟୀ କୌଣସି ବ୍ୟକ୍ତି ରେଜିଷ୍ଟ୍ରକୃତ ହେବାକୁ ଦାୟୀ ହୋଇ ନ ଥିଲେ ମଧ୍ୟ ସ୍ୱତଃପ୍ରବୃତ୍ତ ଭାବେ ନିଜକୁ ରେଜିଷ୍ଟ୍ରୀକୃତ କରି ପାରିବେ ଏବଂ ଏହି ଅଧିନିୟମର ସମସ୍ତ ବ୍ୟବସ୍ଥା ଜଣେ ରେଜେଷ୍ଟ୍ରୀକୃତ ବ୍ୟକ୍ତିଙ୍କୁ ଯେପରି ପ୍ରଯୁଜ୍ୟ ହୁଏ , ଉକ୍ତ ବ୍ୟକ୍ତିଙ୍କୁ ସେପରି ଲାଗୁ ହେବ ।

(4) କୌଣସି ରାଜ୍ୟ ବା କେନ୍ଦ୍ର ଶାସିତ ଅଞ୍ଚଳ ବା ଏକରୁ ଅଧିକ ରାଜ୍ୟ ବା କେନ୍ଦ୍ରଶାସିତ ଅଞ୍ଚଳରୁ ଏକାଧିକ ରେଜିଷ୍ଟ୍ରୀକରଣ ପାଇଥିବା ବା ପାଇବାକୁ ଆବଶ୍ୟକ ହେଉଥିବା କୌଣସି ବ୍ୟକ୍ତି ସେପରି ପ୍ରତ୍ୟେକ ରେଜିଷ୍ଟ୍ରୀକରଣ ସଂକ୍ରାନ୍ତରେ ଏହି ଅଧିନିୟମ ଉଦ୍ଦେଶ୍ୟରେ ଜଣେ ଭିନ୍ନ ବ୍ୟକ୍ତି ରୂପେ ପରିଗଣିତ ହେବେ ।

(5) ଯେତେବେଳେ କୌଣସି ପ୍ରତିଷ୍ଠାନ ସଂପର୍କରେ କୌଣସି ରାଜ୍ୟ ବା କେନ୍ଦ୍ରଶାସିତ ଅଞ୍ଚଳରେ ରେଜିଷ୍ଟ୍ରୀକରଣ ପାଇଥିବା ବା ପାଇବାକୁ ଆବଶ୍ୟକ ହେଉଥିବା କୌଣସି ବ୍ୟକ୍ତିଙ୍କର ଅନ୍ୟ ରାଜ୍ୟ ବା କେନ୍ଦ୍ର ଶାସିତ ଅଞ୍ଚଳରେ ପ୍ରତିଷ୍ଠାନ ଥାଏ, ତାହାହେଲେ ସେପରି ପ୍ରତିଷ୍ଠାନ ଏହି ଅଧିନିୟମର ଉଦ୍ଦେଶ୍ୟରେ ଭିନ୍ନ ବ୍ୟକ୍ତିଙ୍କର ପ୍ରତିଷ୍ଠାନ ରୂପେ ପରିଗଣିତ ହେବ ।

(6) ରେଜିଷ୍ଟ୍ରୀକରଣ ମଞ୍ଜୁରୀ ପାଇଁ ଯୋଗ୍ୟ ହେବା ସକାଶେ ପ୍ରତ୍ୟେକ ବ୍ୟକ୍ତିଙ୍କର ଆୟକର ଅଧିନିୟମ, 1961 ଅନୁଯାୟୀ ଜାରି କରାଯାଇଥିବା ଏକ ସ୍ଥାୟୀ ହିସାବ ସଂଖ୍ୟା ରହିବ :

ପରନ୍ତୁ ଧାରା 51 ଅନୁଯାୟୀ କର କାଟିବାକୁ ଆବଶ୍ୟକ ହେଉଥିବା କୌଣସି ବ୍ୟକ୍ତିଙ୍କର ଏକ ସ୍ଥାୟୀ ହିସାବ ସଂଖ୍ୟା ପରିବର୍ତ୍ତେ , ଉକ୍ତ ଅଧିନିୟମ ଅନୁଯାୟୀ ଜାରି କରାଯାଇଥିବା ଏକ କର କଟାଣ ଓ ଅସୁଲ ହିସାବ ସଂଖ୍ୟା ଥିଲେ , ସେ ରେଜିଷ୍ଟ୍ରୀକରଣର ମଞ୍ଜୁର ପାଇଁ ଯୋଗ୍ୟ ହୋଇପାରିବେ ।

X X X

## ଅଧ୍ୟାୟ-IX

## ରିଟର୍ଣ୍ଣ

X X X

ରିଟର୍ଣ୍ଣ ଦାଖଲ କରିବା

39. (1) ଜଣେ ଇନପୁଟ ସେବା ବିତରକ ବା ଜଣେ ଅପ୍ରବାସୀ କରଯୋଗ୍ୟ ବ୍ୟକ୍ତି ବା ଧାରା 10 ବା ଧାରା 51 ବା ଧାରା 52ର ବ୍ୟବସ୍ଥା ଅନୁଯାୟୀ କର ପ୍ରଦାନ କରୁଥିବା ଜଣେ ବ୍ୟକ୍ତିଙ୍କ ଭିନ୍ନ ଅନ୍ୟ ସମସ୍ତ ରେଜିଷ୍ଟ୍ରିକୃତ ବ୍ୟକ୍ତି, ପ୍ରତ୍ୟେକ କ୍ୟାଲେଣ୍ଡର ମାସ ବା ତାହାର ଭାଗ ପାଇଁ ଦ୍ରବ୍ୟ ବା ସେବା ବା ଉଭୟର ଅନ୍ତର୍ମୁଖୀ ଓ ବହିର୍ମୁଖୀ ଯୋଗାଣ, ଉପଭୋଗ କରିଥିବା ଇନପୁଟ କର ଜମା, ପ୍ରଦେୟ କର, ପ୍ରଦତ୍ତ କର ଓ ବିହିତ ହେବା ମତେ ସେପରି ଅନ୍ୟ ସମସ୍ତ ବିବରଣୀର ଏକ ରିଟର୍ଣ୍ଣ, ଉକ୍ତ କ୍ୟାଲେଣ୍ଡର ମାସ ବା ତାହାର ଭାଗର ପରବର୍ତ୍ତୀ ମାସର ବିଂଶ ଦିବସରେ ବା ତା ପୂର୍ବରୁ ବିହିତ ହେବା ମତେ ସେପରି ଫର୍ମରେ ଓ ରୀତିରେ ଇଲେକ୍ଟ୍ରୋନିକ ମାଧ୍ୟମରେ ଦାଖଲ କରିବେ ।

ପରନ୍ତୁ, ପରିଷଦର ସୁପାରିଶ କ୍ରମେ ସରକାର, କେତେକ ଶ୍ରେଣୀର ରେଜିଷ୍ଟ୍ରୀକୃତ ବ୍ୟକ୍ତି, ଯେଉଁମାନେ ପ୍ରତି ତ୍ରିମାସରେ କିମ୍ବା ତାହାର ଭାଗପାଇଁ ସେଥିରେ ବିନିର୍ଦ୍ଦିଷ୍ଟ ସେପରି ସର୍ତ୍ତାବଳୀ ଏବଂ ସୁରକ୍ଷା ପ୍ରତି ସାପେକ୍ଷ ହୋଇ ରିଟର୍ଣ୍ଣ ଦାଖଲ କରିବେ ତାହା ଅଧିସୂଚିତ କରିପାରିବେ;

(2) ଧାରା 10 ର ବ୍ୟବସ୍ଥା ଅନୁଯାୟୀ କର ପ୍ରଦାନ କରୁଥିବା ଜଣେ ରେଜିଷ୍ଟ୍ରିକୃତ ବ୍ୟକ୍ତି, ପ୍ରତ୍ୟେକ ତ୍ରିମାସ ବା ତାହାର ଭାଗ ପାଇଁ ରାଜ୍ୟରେ ହୋଇଥିବା କାରବାର, ଦ୍ରବ୍ୟ ବା ସେବା ବା ଉଭୟର ଅନ୍ତର୍ମୁଖୀ ଯୋଗାଣ, ପ୍ରଦେୟ କର ଓ ପ୍ରଦତ୍ତ କରର ଏକ ରିଟର୍ଣ୍ଣ, ଉକ୍ତ ତ୍ରିମାସ ସମାପ୍ତ ହେବା ପରେ ଅଠର ଦିନ ମଧ୍ୟରେ ବିହିତ ହେବା ମତେ ସେପରି ଫର୍ମରେ ଓ ରୀତିରେ ଇଲେକ୍ଟ୍ରୋନିକ ମାଧ୍ୟମରେ ଦାଖଲ କରିବେ ।

X X X X X

(7) ଯେଉଁ ରେଜିଷ୍ଟ୍ରୀକୃତ ବ୍ୟକ୍ତି ଉପ-ଧାରା (1) ବା ଉପ-ଧାରା (2) ବା ଉପ-ଧାରା (3) ବା ଉପ-ଧାରା (5) ଅନୁଯାୟୀ ଏକ ରିଟର୍ଣ୍ଣ ଦାଖଲ କରିବା ପାଇଁ ଆବଶ୍ୟକ ହେଉଥିବ, ସେ ରିଟର୍ଣ୍ଣ ଦାଖଲ କରିବାପାଇଁ ଆବଶ୍ୟକ ହେଉଥିବା ଶେଷ ତାରିଖର ପରବର୍ତ୍ତୀ ହେଉନଥିବା ତାରିଖରେ, ଉକ୍ତ ରିଟର୍ଣ୍ଣ ଅନୁସାରେ ବକେୟା କର ସରକାରଙ୍କୁ ପ୍ରଦାନ କରିବେ:

ପରନ୍ତୁ ରିଟର୍ଣ୍ଣ ଅନୁସାରେ ଯେଉଁ ଶ୍ରେଣୀର ରେଜିଷ୍ଟ୍ରୀକୃତ ବ୍ୟକ୍ତିମାନେ ସରକାରଙ୍କୁ ଦେୟକର ବା ତାହାର ଭାଗ, ସେ ଉକ୍ତ ରିଟର୍ଣ୍ଣ ଦାଖଲ କରିବା ପାଇଁ ଆବଶ୍ୟକ ହେଉଥିବା ଶେଷ ତାରିଖରେ ବା ତା' ପୂର୍ବରୁ ଅଧିସୂଚନାରେ ବିନିର୍ଦ୍ଦିଷ୍ଟ ସର୍ତ୍ତାବଳୀ ଓ ସୁରକ୍ଷା ପ୍ରତି ସାପେକ୍ଷ ହୋଇ ଦାଖଲ କରିବେ, ତାହା ପରିଷଦର ସୁପାରିଶ କ୍ରମେ ସରକାର ଅଧିସୂଚିତ କରିପାରିବେ ।

X X X

ବାର୍ଷିକ ରିଟର୍ଣ୍ଣ

44.(1) ଜଣେ ଇନପୁଟ ସେବା ବିତରକ, ଧାରା 51 ବା ଧାରା 52 ଅନୁଯାୟୀ କର ପ୍ରଦାନ କରୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କ ଭିନ୍ନ ଅନ୍ୟ ପ୍ରତ୍ୟେକ ରେଜିଷ୍ଟ୍ରୀକୃତ ବ୍ୟକ୍ତି, ଜଣେ ସାମୟିକ କରଯୋଗ୍ୟ ବ୍ୟକ୍ତି ଏବଂ ଜଣେ ପ୍ରବାସୀ କରଯୋଗ୍ୟ ବ୍ୟକ୍ତି, ପ୍ରତ୍ୟେକ ଆର୍ଥିକ ବର୍ଷ ନିମନ୍ତେ, ଉକ୍ତ ଆର୍ଥିକ ବର୍ଷ ସମାପ୍ତ ହେବାର ପରବର୍ତ୍ତୀ ଡିସେମ୍ବର ମାସର ଏକତିରିଶ ତାରିଖ ଦିନ ବା ତା ପୂର୍ବରୁ ବିହିତ ହେବାମତେ ସେପରି ଫର୍ମରେ ଓ ରୀତିରେ ଇଲେକ୍ଟ୍ରୋନିକ ମାଧ୍ୟମରେ ଏକ ବାର୍ଷିକ ରିଟର୍ଣ୍ଣ ଦାଖଲ କରିବେ ।

## ଅଧ୍ୟାୟ-X

## କର ପ୍ରଦାନ

କର, ସୁଧ, ଶାସ୍ତିଧନ ଅନ୍ୟାନ୍ୟ ପରିମାଣ ପ୍ରଦାନ

49.(1)କୌଣସି ବ୍ୟକ୍ତିଙ୍କ ଦ୍ୱାରା, ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ୍ ବା କ୍ରେଡିଟ୍ ବା ଡେବିଟ୍ କର୍ଡ ଦ୍ୱାରା ବା ଜାତୀୟ ଇଲେକଟ୍ରୋନିକ ଫଣ୍ଡ ଟ୍ରାନ୍ସଫର ବା ରିଅଲ୍ ଟାଇମ ଗ୍ରସ୍ ସେଟେଲମେଣ୍ଟ ବା ସେପରି ଅନ୍ୟ କୌଣସି ଢଙ୍ଗରେ ଏବଂ ଯେପରି ବିହିତ ହୋଇପାରେ ସେପରି ସର୍ତ୍ତାବଳୀ ଓ କଟକଣା ପ୍ରତି ସାପେକ୍ଷ ହୋଇ, କର, ସୁଧ, ଶାସ୍ତିଧନ, ଫିସ୍ ବା ଅନ୍ୟ ଯେ କୌଣସି ପରିମାଣ ସଂକ୍ରାନ୍ତରେ କରାଯାଇଥିବା ପ୍ରତ୍ୟେକ ଜମା, ଯେପରି ବିହିତ ହୋଇପାରେ ସେପରି ରୀତିରେ ରଖାଯାଇଥିବା ସେହି ବ୍ୟକ୍ତିଙ୍କ ଇଲେକଟ୍ରୋନିକ କ୍ୟାସ ଲେଜରରେ ଜମା କରାଯିବ ।

(2) ଧାରା 41 କିମ୍ବା ଧାରା 43 କ ରେ ଥିବା ବ୍ୟବସ୍ଥା ଅନୁଯାୟୀ ରେଜିଷ୍ଟ୍ରୀକୃତ ବ୍ୟକ୍ତିଙ୍କର ରିଟର୍ଣ୍ଣରେ ସ୍ୱ-ନିର୍ଦ୍ଧାରିତ ଇନ୍ପୁଟ୍ କର ଜମା, ତାହାଙ୍କ ଇଲେକଟ୍ରୋନିକ କ୍ରେଡିଟ୍ ଲେଜରରେ ଜମା କରାଯିବ ଓ ଯେପରି ବିହିତ ହୋଇପାରେ ତାହା ସେପରି ରୀତିରେ ରଖାଯିବ ।

(3) ଯେପରି ବିହିତ ହୋଇପାରେ ସେପରି ରୀତିରେ ଓ ସେପରି ସର୍ତ୍ତାବଳୀ ପ୍ରତି ସାପେକ୍ଷ ହୋଇ, ଓ ସେପରି ସମୟ ମଧ୍ୟରେ ଏହି ଅଧିନିୟମ ବା ତଦଧୀନ ପ୍ରଣୀତ ନିୟମାବଳୀରେ ଥିବା ବ୍ୟବସ୍ଥା ଅନୁଯାୟୀ ପ୍ରଦେୟ କର, ସୁଧ, ଶାସ୍ତିଧନ, ଫିସ୍ ଅନ୍ୟ ଯେ

କୌଣସି ପରିମାଣ ସଂକ୍ରାନ୍ତୀୟ ଅର୍ଥ ପ୍ରଦାନ ପାଇଁ ଇଲେକଟ୍ରୋନିକ କ୍ୟାସ୍ ଲେଜରରେ ଥିବା ପରିମାଣ ବ୍ୟବହୃତ ହୋଇପାରିବ ।

(4) ଯେପରି ବିହିତ ହୋଇପାରେ ସେପରି ରୀତିରେ ଓ ସେପରି ସର୍ତ୍ତାବଳୀ ପ୍ରତି ସାପେକ୍ଷ ହୋଇ ଓ ସେପରି ସମୟ ମଧ୍ୟରେ ଏହି ଅଧିନିୟମ ବା ଏକୀକୃତ ଦ୍ରବ୍ୟ ଓ ସେବା କର ଅଧିନିୟମ ଅନୁଯାୟୀ ଉତ୍ପାଦନ କର ,ସଂକ୍ରାନ୍ତୀୟ ଯେ କୌଣସି ଅର୍ଥ ପ୍ରଦାନ ପାଇଁ ଇଲେକ୍ଟ୍ରୋନିକ ଜମା ଲେଜରେ ଥିବା ପରିମାଣ ବ୍ୟବହୃତ ହୋଇପାରିବ ।

(5) ରେଜିଷ୍ଟ୍ରୀକୃତ ବ୍ୟକ୍ତିଙ୍କ ଇଲେକ୍ଟ୍ରୋନିକ କ୍ରେଡ଼ିଟ୍ ଲେଜରରେ ଇନ୍‌ପୁଟ କର ଜମାରେ ଥିବା ପରିମାଣ ।

(କ) ଏକୀକୃତ କର ଯୋଗୁଁ ଜମା ହୋଇଥିଲେ ତାହା ପ୍ରଥମେ ଏକୀକୃତ କର ପ୍ରଦାନ ଲାଗି ବିନିଯୋଗ କରାଯିବ ଏବଂ ଯଦି କୌଣସି ପରିମାଣ ବଳକା ରହିବ ତେବେ ତାହା କେନ୍ଦ୍ରୀୟ କର ଓ ରାଜ୍ୟକର ବା ଯଥାସ୍ଥିତି, କେନ୍ଦ୍ର ଶାସିତ ଅଂଚଳ ସଂକ୍ରାନ୍ତୀୟ କର ପ୍ରଦାନ ଲାଗି ବିନିଯୋଗ ହୋଇପାରିବ;

(ଖ) କେନ୍ଦ୍ରୀୟ କର ଯୋଗୁଁ ଜମା ହୋଇଥିଲେ ତାହା ପ୍ରଥମେ କେନ୍ଦ୍ରୀୟ କର ପ୍ରଦାନ ଲାଗି ବିନିଯୋଗ କରାଯିବ ଏବଂ ଯଦି ପରିମାଣ ବଳକା ରହିବ ତେବେ ତାହା ଏକାକୃତ କର ପ୍ରଦାନ ଲାଗି ବିନିଯୋଗ ହୋଇପାରିବ ;

(ଗ) ରାଜ୍ୟ କର ଯୋଗୁଁ ଜମା ହୋଇଥିଲେ ତାହା ପ୍ରଥମେ ରାଜ୍ୟ କର ପ୍ରଦାନ ଲାଗି ବିନିଯୋଗ କରାଯିବ ଏବଂ ଯଦି କୌଣସି ପରିମାଣ ବଳକା ରହିବ ତେବେ ତାହା ଏକୀକୃତ କର ପ୍ରଦାନ ଲାଗି ବିନିଯୋଗ ହୋଇପାରିବ;

"ପରନ୍ତୁ, ଯେଉଁସ୍ଥଳେ କେନ୍ଦ୍ରୀୟ କରର ଇନପୁଟ କର ଜମାର ଅବଶେଷ ଏକୀକୃତ କର ପ୍ରଦାନପାଇଁ ଉପଲବ୍ଧ ହେଉନଥିବ, ସେହିସ୍ଥଳେ ରାଜ୍ୟ କର ଇନପୁଟ କର ଜମା ପ୍ରଥମେ କେବଳ ଏକୀକୃତ କର ପ୍ରଦାନପାଇଁ ବିନିଯୋଗ କରାଯିବ;" ;

(ଘ) କେନ୍ଦ୍ର ଶାସିତ ଅଞ୍ଚଳ କର ଯୋଗୁଁ ଜମା ହୋଇଥିଲେ ତାହା ପ୍ରଥମେ କେନ୍ଦ୍ର ଶାସିତ ଅଞ୍ଚଳ କର ପ୍ରଦାନ ଲାଗି ବିନିଯୋଗ କରାଯିବ ଏବଂ ଯଦି କୌଣସି ପରିମାଣ ବଳକା ରହିବ ତେବେ ତାହା ଏକୀକୃତ କର ପ୍ରଦାନ ଲାଗି ବିନଯୋଗ ହୋଇପାରିବ

"ପରନ୍ତୁ, ଯେଉଁସ୍ଥଳେ କେନ୍ଦ୍ରୀୟ କର ଇନପୁଟ କର ଜମାର ଅବଶେଷ ଏକୀକୃତ କର ପ୍ରଦାନପାଇଁ ଉପଲବ୍ଧ ହେଉନଥିବ, ସେହିସ୍ଥଳେ କେନ୍ଦ୍ରଶାସିତ ଅଞ୍ଚଳ କରର ଇନପୁଟ କର ଜମା ପ୍ରଥମେ କେବଳ ଏକୀକୃତ କର ପ୍ରଦାନପାଇଁ ବିନିଯୋଗ କରାଯିବ;" ;

(ଙ) ରାଜ୍ୟ କର ବା କେନ୍ଦ୍ରଶାସିତ ଅଞ୍ଚଳ କର ପ୍ରଦାନ ଲାଗି କେନ୍ଦ୍ରୀୟ କର ବିନିଯୋଗ କରାଯିବ ନାହିଁ ; ଏବଂ

(ଚ) କେନ୍ଦ୍ରୀୟ କର ପ୍ରଦାନ ଲାଗି ରାଜ୍ୟ କର ବା କେନ୍ଦ୍ର ଶାସିତ ଅଞ୍ଚଳ କର ବିନିଯୋଗ କରାଯିବ ନାହିଁ ।

(6) ଏହି ଅଧିନିୟମ ବା ତଦଧୀନ ପ୍ରଣୀତ ନିୟମାବଳୀ ଅନୁଯାୟୀ ପ୍ରଦେୟ କର, ସୁଧ, ଶାସ୍ତିଧନ, ଫିସ୍ ବା ଅନ୍ୟ ଯେ କୌଣସି ପରିମାଣ ପ୍ରଦାନ କରାଯିବା ପରେ ଇଲେକଟ୍ରୋନିକ୍ କ୍ୟାସ୍ ବା କ୍ରେଡିଟ୍ ଲେଜରରେ ଥିବା ବଳକା ପରିମାଣ, ଧାରା 54 ରେ ଥିବା ବ୍ୟବସ୍ଥା ଅନୁଯାୟୀ ଫେରସ୍ତ କରାଯାଇପାରିବ ।

(7) ଏହି ଅଧିନିୟମ ଅନୁଯାୟୀ କୌଣସି କରଯୋଗ୍ୟ ବ୍ୟକ୍ତିଙ୍କର ସମସ୍ତ ଦାୟିତ୍ୱ, ଯେପରି ବିହିତ ହୋଇପାରେ ସେପରି ରୀତିରେ ଏକ ଇଲେକ୍ଟ୍ରୋନିକ୍ ଲାଇବିଲିଟି ରେଜିଷ୍ଟରରେ ଉଲ୍ଲେଖ କରାଯିବ ଓ ରଖାଯିବ ।

(8) ପ୍ରତ୍ୟକ କରଯୋଗ୍ୟ ବ୍ୟକ୍ତି, ଏହି ଅଧିନିୟମ ବା ତଦଧୀନ ପ୍ରଣୀତ ନିୟମାବଳୀ ଅନୁଯାୟୀ ନିମ୍ନୋକ୍ତ କ୍ରମରେ ତାହାଙ୍କ କର ତଥା ଅନ୍ୟାନ୍ୟ ଦେୟ ଦାଖଲ କରିବେ, ତାହା ହେଲା :-

(କ) ସ୍ୱନିର୍ଦ୍ଧାରିତ କର ଓ ପୂର୍ବରୁ ଥିବା କର ଅବଧିର ରିଟର୍ଣ୍ଣ ସଂକ୍ରାନ୍ତୀୟ ଅନ୍ୟାନ୍ୟ ଦେୟ;

(ଖ) ସ୍ୱନିର୍ଦ୍ଧାରିତ କର ଓ ସାଂପ୍ରତିକ କର ଅବଧିର ରିଟର୍ଣ୍ଣ ସଂକ୍ରାନ୍ତୀୟ ଅନ୍ୟାନ୍ୟ ଦେୟ;

(ଗ) ଏହି ଅଧିନିୟମ ବା ତଦଧୀନ ପ୍ରଣୀତ ନିୟମାବଳୀ ଅନୁଯାୟୀ ପ୍ରଦେୟ ଅନ୍ୟ ଯେ କୌଣସି ପରିମାଣ ସମେତ ଧାରା 73 ବା ଧାରା 74 ଅନୁଯାୟୀ ସ୍ଥିରୀକୃତ ଦାବି ।

(9) ପ୍ରତ୍ୟେକ ବ୍ୟକ୍ତି ଯେ କି ଏହି ଅଧିନିୟମ ଅନୁଯାୟୀ ଦ୍ରବ୍ୟ ବା ସେବା ବା ଉଭୟ ଦ୍ରବ୍ୟ ଓ ସେବା ଉପରେ କର ପ୍ରଦାନ କରିଥିବେ ଏବଂ ତାହାଙ୍କ ଦ୍ୱାରା ପ୍ରତିକୂଳାତ୍ମକ କିଛି ପ୍ରମାଣିତ ହୋଇନଥିଲେ ସେପରି କରର ସଂପୂର୍ଣ୍ଣ ଭାର, ସେହି ଦ୍ରବ୍ୟ ବା ସେବା ବା ଉଭୟର ପ୍ରାପ୍ତିକର୍ତ୍ତାଙ୍କୁ ପାରିତ ହୋଇଛି ବୋଲି ବିବେଚିତ ହେବ ।

ସ୍ପଷ୍ଟୀକରଣ, - ଏହି ଧାରା ଉଦ୍ଦେଶ୍ୟରେ

(କ) ପ୍ରାଧିକୃତ ବ୍ୟାଙ୍କରେ ସରକାରଙ୍କ ହିସାବରେ ଜମା ତାରିଖକୁ ଇଲେକ୍ଟ୍ରୋନିକ୍ କ୍ୟାସ ଲେଜରରେ ଜମା ତାରିଖ ଭାବରେ ବିବେଚନା କରାଯିବ;

(ଖ)(i) "କର ଦେୟ" ଅଭିବ୍ୟକ୍ତିର ଅର୍ଥ ଏହି ଅଧିନିୟମ ଅନୁଯାୟୀ ପ୍ରଦେୟ କର ଏବଂ ତହିଁରେ ସୁଧ, ଫିସ୍ ଓ ଶାସ୍ତିଧନ ଅନ୍ତର୍ଭୁକ୍ତ ନୁହେଁ; ଏବଂ

(ii) "ଅନ୍ୟାନ୍ୟ ଦେୟ" ଅର୍ଥ ଏହି ଅଧିନିୟମ୍ ବା ତଦଧୀନ ପ୍ରଣୀତ ନିୟମାବଳୀ ଅନୁୟାୟୀ ପ୍ରଦେୟ ସୁଧ,ଶାସ୍ତିଧନ, ଫିସ୍ ବା ଅନ୍ୟ ଯେ କୌଣସି ପରିମାଣ ।

বিলম্বিত কর প্রদান উপরে সুধ

50(1) ପ୍ରତ୍ୟେକ ବ୍ୟକ୍ତି, ଯେ କି ଏହି ଅଧିନିୟମ ବା ତଦଧୀନ ପ୍ରଣୀତ ନିୟମାବଳୀ ଅନୁଯାୟୀ କର ପ୍ରଦାନ କରିବା କଥା କିନ୍ତୁ ସେ ନିର୍ଦ୍ଧାରିତ ଅବଧି ମଧ୍ୟରେ ସେହି କର ବା ତହିଁର କୌଣସି ଅଂଶ ପ୍ରଦାନ ନ କରନ୍ତି ସେପରିସ୍ଥଳେ ସେ ଯେଉଁ ଅବଧି ପାଇଁ ସେପରି କର ବା ତହିଁରେ କୌଣସି ଅଂଶ ପ୍ରଦାନ କରିନଥିବେ, ସେହି ଅବଧି ପାଇଁ ପରିଷଦର ସୁପାରିସ୍ କ୍ରମେ, ସରକାରଙ୍କ ଦ୍ୱାରା ଅଧିସୂଚୀତ ହୋଇ ପାରିବା ମତେ ଶତକଡା ଅଠର ଭାଗରୁ ଅଧିକ ହେଇ ନଥିବା ହାରରେ ତାହାଙ୍କୁ ସୁଧ ଦେବାକୁ ହେବ ।

50(2) X X X

ଉତ୍ସରେ କର ଆଦାୟ

52. (1) X X X

(2) X X X

(3) X X X

(4) ପ୍ରତ୍ୟେକ ଅପରେଟର, ଯେ କି ଉପଧାରା (1) ରେ ଉଲ୍ଲିଖିତ ପରିମାଣ ଅସୁଲ କରିବେ, ସେ ଦ୍ରବ୍ୟ ବା ସେବା ବା ଉଭୟର ବାହ୍ୟ ଯୋଗାଣର ବିସ୍ତୃତ ବିବରଣୀ ସମେତ ତାହାଙ୍କ ଦ୍ୱାରା ଏକମାସ ମଧ୍ୟରେ ଫେରସ୍ତ ହୋଇଥିବା ଦ୍ରବ୍ୟ ବା ସେବା ବା ଉଭୟର ଯୋଗାଣ ତଥା ଉପଧାରା (1) ଅନୁଯାୟୀ ଯେପରି ବିହିତ ହୋଇପାରେ ସେପରି ଫର୍ମ ଓ ସେପରି ରୀତିରେ ସେହି ମାସ ଶେଷ ହେବାର ଦଶଦିନ ମଧ୍ୟରେ ଅସୁଲ ହୋଇଥିବା ପରିମାଣ ଦର୍ଶାଉଥିବା ଏକ ବିବୃତି ଇଲେକ୍ଟ୍ରୋନିକ ମାଧ୍ୟମରେ ଦାଖଲ କରିବେ ।

(5) ପ୍ରତ୍ୟେକ ଅପରେଟର ଯେ କି ଉପଧାରା (1) ରେ ଉଲ୍ଲିଖିତ ପରିମାଣ ଅସୁଲ କରିଥିବେ, ସେ ଦ୍ରବ୍ୟ ବା ସେବା ବା ଉଭୟର ବାହ୍ୟ ଯୋଗାଣର ବିସ୍ତୃତ ବିବରଣୀ ସମେତ ତାହାଙ୍କ ଦ୍ୱାରା ଏକ ମାସ ମଧ୍ୟରେ ହୋଇଥିବା ଦ୍ରବ୍ୟ ବା ସେବା ବା ଉଭୟର ଯୋଗାଣ ତଥା ଉକ୍ତ ଉପଧାରା ଅନୁଯାୟୀ ଆର୍ଥିକ ବର୍ଷ ମଧ୍ୟରେ ଯେପରି ବିହିତ ହୋଇପାରେ ସେପରି ଫର୍ମ ଓ ସେପରି ରୀତିରେ ସେହି ଆର୍ଥିକ ବର୍ଷର ପରବର୍ତ୍ତୀ ଡିସେମ୍ବର ମାସ 31 ତାରିଖ ପୂର୍ବରୁ ଅସୁଲ ହୋଇଥିବା ପରିମାଣ ଦର୍ଶାଉଥିବା ଏକ ବାର୍ଷିକ ବିବୃତି ଇଲେକ୍ଟ୍ରୋନିକ ମାଧ୍ୟମରେ ଦାଖଲ କରିବେ ।

ଅଧ୍ୟାୟ-XI

ଫେରସ୍ତ

54(1) X X X

54(2) X X X

54(3) X X X

54(4) X X X

କର ଫେରସ୍ତ 54 (5) ସେପରି କୌଣସି ଦରଖାସ୍ତ ପାଇବା ପରେ ଯଦି ସମୁଚିତ ଅଧିକାରୀଙ୍କର ହୃଦବୋଧ ହୁଏ ଯେ ଫେରସ୍ତ ରୂପେ ଦାବି କରାଯାଉଥିବା ପରିମାଣର ସମଗ୍ର ବା ଆଂଶିକ ପରିମାଣ ଫେରସ୍ତ ଯୋଗ୍ୟ ତେବେ ସେ ତଦନୁଯାୟୀ ଏକ ଆଦେଶ ଦେଇପାରିବେ ଓ ସେଭାବେ ନିର୍ଦ୍ଧାରିତ ପରିମାଣ, ଧାରା 57 ରେ ଉଲ୍ଲିଖିତ ଫଣ୍ଡରେ ଜମା କରାଯିବ ।

54(6) X X X

54(7) X X X

(8) ଉପଧାରା (5) ରେ ଯାହା କିଛି ଥିବା ସତ୍ତ୍ୱେ, ଫେରସ୍ତଯୋଗ୍ୟ ପରିମାଣ ଯଦି ନିମ୍ନୋକ୍ତ ସଂକ୍ରାନ୍ତୀୟ ହୋଇଥିବ ତେବେ ସେପରି ସ୍ଥଳେ ତାହା ପାଣ୍ଠିରେ ଜମା ହେବା ପରିବର୍ତ୍ତେ ଦରଖାସ୍ତକାରୀଙ୍କୁ ପ୍ରଦାନ କରାଯିବ :-

(କ) ରପ୍ତାନୀ ଓ ରପ୍ତାନୀ ସବୁ ବାବଦରେ ବ୍ୟବହୃତ ଦ୍ରବ୍ୟ ବା ସେବା ବା ଉଭୟର ଯୋଗାଣ ଉପରେ ବା ସେପରି ଯୋଗାଣ କରିବାରେ ବ୍ୟବହୃତ ଇନ୍‌ପୁଟ୍‌ସ ବା ଇନ୍‌ପୁଟ ସେବା ଉପରେ ପ୍ରଦାନ କରାଯାଇଥିବା କର ଫେରସ୍ତ;

(ଖ) ଉପଧାରା (3) ଅନୁଯାୟୀ ବିନିଯୋଗ ହୋଇନଥିବା ଇନ୍‌ପୁଟ୍ କର ଜମାର ଫେରସ୍ତ:

(ଗ) କୌଣସି ଯୋଗାଣ ଯାହା ଉପରେ କି ସମ୍ପୂର୍ଣ୍ଣ ଭାବରେ ବା ଆଂଶିକ ଭାବରେ କର ପ୍ରଦାନ କରାଯିବାର ବ୍ୟବସ୍ଥା ନାହିଁ ଏବଂ ଯେଉଁ ସ୍ଥଳେ ଯୋଗାଣ ପାଇଁ ଇନଭଏସ ଦିଆଯାଇନାହିଁ ବା ଯେଉଁସ୍ଥଳେ ଫେରସ୍ତ ଭାବରେ ଦିଆଯାଇଛି ସେପରି ସ୍ଥଳେ ଯୋଗାଣ ଉପରେ କର ଫେରସ୍ତ ;

(ଘ) ଧାରା 77 ଅନୁଯାୟୀ କର ଫେରସ୍ତ ;

(ଙ) କୌଣସି ଦରଖାସ୍ତକାରୀଙ୍କ ଦ୍ୱାରା ଯଦି ଥାଏ, ତେବେ କର ଓ ସୁଧ ବା ଅନ୍ୟାନ୍ୟ କୌଣସି ପରିମାଣ ପ୍ରଦାନ କରାଯାଇଥିବ ଏବଂ ସେ ସେପରି କର ଓ ସୁଧର ଭାର ଅନ୍ୟ କୌଣସି ବ୍ୟକ୍ତିଙ୍କୁ ଦେଇ ନ ଥିବେ ; ବା

(ଚ) ପରିଷଦର ପରାମର୍ଶକ୍ରମେ, ରାଜ୍ୟ ସରକାର, ଅଧିସୂଚନା ଦ୍ୱାରା, ଯେପରି ବିନିର୍ଦ୍ଦିଷ୍ଟ କରିପାରିବେ ସେପରି ଅନ୍ୟାନ୍ୟ  ବର୍ଗର ଦରଖାସ୍ତକାରୀଙ୍କ ଦ୍ୱାରା ବହନ କରାଯାଇଥିବା କର ଓ ସୁଧ :

54 (9) X X X

ଅଧ୍ୟାୟ-XVII

ଆଗୁଆ ରାୟ

ସଂଜ୍ଞା

95- ପ୍ରସଙ୍ଗ ଅନ୍ୟଥା ଆବଶ୍ୟକ କରୁନଥିଲେ, ଏହି ଅଧ୍ୟାୟରେ,-

(କ) "ଅଗ୍ରୀମ ରାୟ" ଅର୍ଥ ଦରଖାସ୍ତକାରୀ ଦ୍ରବ୍ୟ ବା ସେବା ବା ଉଭୟ କାର୍ଯ୍ୟ କରୁଥିବା ବା କରିବାର ପ୍ରସ୍ତାବ ଥିବା ସମ୍ପର୍କରେ ଧାରା 97 ର ଉପ-ଧାରା (2) ବା ଧାରା 100 ର ଉପ-ଧାରା (1) ରେ ସୂଚୀତ ବିଷୟ ବା ପ୍ରଶ୍ନ ଉପରେ ଦରଖାସ୍ତକାରୀଙ୍କୁ ପ୍ରାଧିକାରୀ ବା ଅପିଲ ପ୍ରାଧିକାରୀ ଦେଇଥିବା ନିଷ୍ପତ୍ତି;

X X X

ଅଗ୍ରୀମ ରାୟର ସଂଶୋଧନ

102- ପ୍ରାଧିକାରୀ ବା ଅପିଲ ପ୍ରାଧିକାରୀ, ଧାରା 98 ବା ଧାରା 101 ଅନୁଯାୟୀ ଯେଉଁ ତାରିଖରେ ତାହାଙ୍କ ଆଦେଶ ଦେବେ ସେହି ତାରିଖ ଠାରୁ ଛଅ ମାସ ମଧ୍ୟରେ ତାଙ୍କ ଆଦେଶରେ ଯଦି ନିଜେ କୌଣସି ତ୍ରୁଟି ପରିଲକ୍ଷିତ କରନ୍ତି ବା ସଂପୃକ୍ତ ଅଧିକାରୀ ବା ଅଧିକାରିତ ସଂପନ୍ନ ଅଧିକାରୀ ବା ଦରଖାସ୍ତକାରୀ ବା ଅପିଲକାରୀ କୌଣସି ତ୍ରୁଟି ଥିବା ଦର୍ଶାନ୍ତି, ତେବେ ପ୍ରାଧିକାରୀ ବା ଅପିଲ ପ୍ରାଧିକାରୀ ରେକର୍ଡରେ ସ୍ପଷ୍ଟଭାବେ ପ୍ରତୀତ ହେଉଥିବା ତ୍ରୁଟିକୁ ସଂଶୋଧନ କରିପାରିବେ:

ପରନ୍ତୁ ଦରଖାସ୍ତକାରୀ ବା ଅପିଲକାରୀଙ୍କୁ ଶୁଣାଣୀର ଏକ ସୁଯୋଗ ନଦେଇ କର ପ୍ରଦାନ ଦାୟିତ୍ୱ ବଢ଼ାଇ ବା ଗ୍ରହଣୀୟ ପ୍ରତିଦେୟ କର ପରିମାଣ କମାଇ କୌଣସି ତୃଟି ସଂଶୋଧନ କରାଯିବନାହିଁ ।

ଅଗ୍ରୀମ ରାୟର ପ୍ରଯୋଜ୍ୟତା

103. (1) ଏହି ଅଧ୍ୟାୟ ଅନୁଯାୟୀ ପ୍ରାଧିକାରୀ ବା ଅପିଲ ପ୍ରାଧିକାରୀଙ୍କ ଘୋଷିତ ଆଗୁଆ ରାୟ କେବଳ, -

(କ) ଆଗୁଆ ରାୟପାଇଁ ଧାରା 97 ର ଉପଧାରା (2) ରେ ସୂଚିତ କୌଣସି ବିଷୟ ସଂକ୍ରାନ୍ତରେ ତାହା ଚାହିଁଥିବା ଦରଖାସ୍ତକାରୀଙ୍କ ପ୍ରତି;

(ଖ) ଦରଖାସ୍ତକାରୀଙ୍କ ସଂବନ୍ଧରେ ସଂପୃକ୍ତ ଅଧିକାରୀ ବା ଅଧିକାରିତା ସମ୍ପନ୍ନ ଅଧିକାରୀଙ୍କ ପ୍ରତି ବାଧ୍ୟକର ହେବ ।

(2) ଯଦି ମୂଳ ଆଗୁଆ ରାୟକୁ ସମର୍ଥନ କରୁଥିବା ବିଧି, ତଥ୍ୟ ବା ପରିସ୍ଥିତିରେ ପରିବର୍ତ୍ତନ ନ ହୁଏ, ତେବେ ଉପ-ଧାରା (1) ରେ ସୂଚୀତ ଅଗ୍ରୀମ ରାୟ ବାଧ୍ୟକର ହେବ ।

କେତେକ ପରିସ୍ଥିତିରେ ଅଗ୍ରୀମ ରାୟ ଅବୈଧ ହେବ

104 (1) ଯଦି ପ୍ରାଧିକାରୀ ବା ଅପିଲ ପ୍ରାଧିକାରୀଙ୍କ ଦୃଷ୍ଟିକୁ ଆସେ ଯେ, ଦରଖାସ୍ତକାରୀ ବା ଅପିଲକାରୀ ପ୍ରବଞ୍ଚନା କରି ବା ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଲୁଚାଇ ବା ତଥ୍ୟର ମିଥ୍ୟା ବର୍ଣ୍ଣନା କରି ସେ ଧାରା 98 ର ଉପ-ଧାରା (4) ବା ଧାରା 101 ର ଉପ-ଧାରା (1) ଅନୁଯାୟୀ ଦେଇଥିବା ଅଗ୍ରୀମ ରାୟଟି ହାସଲ କରିଛନ୍ତି, ତେବେ ସେ ଆଦେଶ ଦେଇ ଘୋଷଣା କରିପାରିବେ ଯେ, ଉକ୍ତ ରାୟ ଆରମ୍ଭରୁ ଅବୈଧ ଅଟେ ଓ ତାହାପରେ ଏହି ଅଧିନିୟମ ବା ତଦଧୀନ ପ୍ରଣୀତ ନିୟମାବଳୀର ସମସ୍ତ ବ୍ୟବସ୍ଥା ଦରଖାସ୍ତକାରୀ ବା ଅପିଲକାରୀଙ୍କ ପ୍ରତି ଏପରି ଲାଗୁ ହେବ, ସତେ ଯେପରି ସେପରି ଅଗ୍ରୀମ ରାୟ କେବେବି ଦିଆଯାଇନଥିଲା:

ପରନ୍ତୁ ଦରଖାସ୍ତକାରୀ ବା ଅପିଲକାରୀଙ୍କୁ ଶୁଣାଣିର ଏକ ସୁଯୋଗ ନ ଦେଇ ଏହି ଉପ-ଧାରା ଅନୁଯାୟୀ କୌଣସି ଆଦେଶ ଦିଆଯିବ ନାହିଁ ।

ସ୍ପଷ୍ଟୀକରଣ:- ସେପରି ଅଗ୍ରୀମ ରାୟ ଯେଉଁ ତାରିଖରେ ଦିଆଯିବ, ସେହି ତାରିଖ ଓ ଏହି ଉପ-ଧାରା ଅନୁଯାୟୀ ଯେଉଁ ତାରିଖରେ ଆଦେଶ ଦିଆଯିବ ସେହି ତାରିଖର ମଧ୍ୟବର୍ତ୍ତୀ କାଳାବଧିକୁ ଧାରା 73ର ଉପ-ଧାରା (2) ଓ (10) ବା ଧାରା 74 ର ଉପ-ଧାରା (2) ଓ (10) ରେ ବିନିର୍ଦ୍ଦିଷ୍ଟ କାଳାବଧିର ଗଣନା କଲାବେଳେ ତହିଁରୁ ବାଦ୍ ଦିଆଯିବ ।

(2) X X X X X X

ପ୍ରାଧିକାରୀ ଓ ଅପିଲ ପ୍ରାଧିକାରୀଙ୍କ କ୍ଷମତା ମାନ

105.(1) ପ୍ରାଧିକାରୀ ବା ଅପିଲ ପ୍ରାଧିକାରୀ, ତାହାଙ୍କ କ୍ଷମତା ପ୍ରୟୋଗ କରିବା ଉଦ୍ଦେଶ୍ୟରେ ନିମ୍ନଲିଖିତ କ୍ଷେତ୍ରରେ, ସିଭିଲ ପ୍ରକ୍ରିୟା ସଂହିତା, 1908 ଅନୁଯାୟୀ ତାଙ୍କର ଏକ ସିଭିଲ ନ୍ୟାୟାଳୟର ସମସ୍ତ କ୍ଷମତା ରହିବ-

(କ) ଖୋଜି ବାହାର କରିବା ଓ ନିରୀକ୍ଷଣ କରିବା;

(ଖ) ହାଜର ହେବା ପାଇଁ ଯେ କୌଣସି ବ୍ୟକ୍ତିଙ୍କୁ ବାଧକରିବା ଓ ତାଙ୍କୁ ଶପଥ ପୂର୍ବକ ପରୀକ୍ଷା ନିରୀକ୍ଷା କରିବା;

(ଗ) କମିସନ ପଠାଇବା ଓ ହିସାବ ପୁସ୍ତିକା ତଥା ଅନ୍ୟାନ୍ୟ ରେକର୍ଡ ପେଶ୍ କରିବାକୁ ବାଧ କରିବା ।

(2) ଧାରା 195 ଉଦ୍ଦେଶ୍ୟରେ ପ୍ରାଧିକାରୀ ବା ଅପିଲ ପ୍ରାଧିକାରୀ ଏକ ସିଭିଲ ନ୍ୟାୟାଳୟ ଭାବେ ବିବେଚିତ ହେବେ, କିନ୍ତୁ ଦଣ୍ଡ ପ୍ରକ୍ରିୟା ସଂହିତା, 1973 ର ଅଧ୍ୟାୟ XXVI ଉଦ୍ଦେଶ୍ୟରେ ସେଭାବେ ବିବେଚିତ ହେବେ ନାହିଁ ଓ ପ୍ରାଧିକାରୀ ବା ଅପିଲ ପ୍ରାଧିକାରୀଙ୍କ ସମକ୍ଷରେ ବିଚାରାଧୀନ ପ୍ରତ୍ୟେକ କାର୍ଯ୍ୟବିଧି ଧାରା 193 ଓ 228 ର ଅର୍ଥ ଅନୁସାରେ ଓ ଭାରତୀୟ ଦଣ୍ଡ ସଂହିତାର ଧାରା 196 ଉଦ୍ଦେଶ୍ୟରେ ଏକ ନ୍ୟାୟିକ କାର୍ଯ୍ୟବିଧି ବୋଲି ବିବେଚିତ ହେବ ।

ପ୍ରାଧିକାରୀ ଓ ଅପିଲ ପ୍ରାଧିକାରୀଙ୍କ ପ୍ରକ୍ରିୟା

106. ଏହି ଅଧ୍ୟାୟର ବ୍ୟବସ୍ଥାଗୁଡ଼ିକ ପ୍ରତି ସାପେକ୍ଷ ହୋଇ, ପ୍ରାଧିକାରୀ ବା ଅପିଲ ପ୍ରାଧିକାରୀ ତାଙ୍କ ନିଜ ପ୍ରକ୍ରିୟା ନିଜେ ବିନିୟମିତ କରିବେ ।

X X X

## ଅଧ୍ୟାୟ –XXI

## ବିବିଧ

ମୁନାଫା ଖୋର ନିରୋଧୀ ଉପାୟ

171. (1) କୌଣସି ଦ୍ରବ୍ୟ ଓ ସେବାର ଯୋଗାଣ ଉପରେ କର ହାରରେ ହ୍ରାସହେଲେ ବା ଇନପୁଟ କର ଜମାର ସୁବିଧା, ଦାମରେ ଅନୁରୂପ ହ୍ରାସକରି ପ୍ରାପ୍ତିକର୍ତ୍ତାଙ୍କୁ ଦିଆଯିବ ।

(2) କୌଣସି ରେଜିଷ୍ଟ୍ରୀକୃତ ବ୍ୟକ୍ତି ଉପଭୋଗ କରିଥିବା ଇନପୁଟ କର ଜମା ବା କର ହାରରେ ହ୍ରାସ ଫଳରେ, ତାଙ୍କ ଦ୍ୱାରା ଯୋଗାଣ କରାଯାଇଥିବା ଦ୍ରବ୍ୟ ବା ସେବା ବା ଉଭୟର ଦାମ୍‌ରେ ଅନୁରୂପ ହୋଇଛି କି ନାହିଁ, ତାହା ପରୀକ୍ଷା କରିବାପାଇଁ ପରିଷଦର ସୁପାରିଶ କ୍ରମେ କେନ୍ଦ୍ର ସରକାର ଅଧିସୂଚନା ଦ୍ୱାରା ଏକ ପ୍ରାଧିକରଣ ଗଠନ କରିପାରିବେ ବା ତତସମୟେ ବଳବତ୍ତର ଥିବା କୌଣସି ବିଧି ଅନୁଯାୟୀ ଗଠିତ ଏକ ବିଦ୍ୟମାନ ପ୍ରାଧିକରଣକୁ କ୍ଷମତାପନ୍ନ କରିପାରିବେ ।

(3) କୌଣସି ଉପଧାରା (2) ରେ ସୂଚୀତ ପ୍ରାଧିକରଣ ବିହିତ ହେବାମତେ ସେପରି କ୍ଷମତାମାନ ପ୍ରୟୋଗ କରିବେ ଓ ସେପରି କୃତ୍ୟମାନ ସମ୍ପାଦନ କରିବେ ।

* * * *


Name: Director
Designation: PRTG, STY and PUBN
Date: 10/9/2021 1:40:56 PM
eSign